



କାଳୀପୂଜା, ଦୀପାବଳୀ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ସୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:192✦8 November 2026 (Sunday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୯୨✦୮ ନଭେମ୍ବର ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଆକାଶର ଉଚ୍ଚତାକୁ ଚ୍ୟାଲେଞ୍ଜ କଲା ଭାରତୀୟ ବାୟୁସେନା :

୧୩,୬୨୯ ଫୁଟ ଉଚ୍ଚତାରେ ରଚିଲା ଇତିହାସ



ନୂଆଦିଲ୍ଲୀ,୭/୧୧: ଭାରତୀୟ ବାୟୁସେନାର ଏକ ଆଇଏଲ-୭୬ଏମଡି ବିମାନ ଲଦାଖର ନ୍ୟୋମା ଏୟାରଫିଲ୍ଡରେ ସଫଳ ଅବତରଣ କରି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛି । ୧୩,୬୨୯ ଫୁଟ ଉଚ୍ଚତାରେ ଅବତରଣ କରି ଏହି ବିମାନ ଇତିହାସ ରଚିଛି । ବିମାନ ଦ୍ୱାରା ଏପର୍ଯ୍ୟନ୍ତ ହାସଲ କରାଯାଇଥିବା ଏହା ସର୍ବାଧିକ ଉଚ୍ଚତା ଅବତରଣ ।ଏହି ସଫଳତା ବିମାନର ଅସାଧାରଣ କ୍ଷମତା ସହିତ ଏହାର କର୍ମଚାରୀଙ୍କ ଦକ୍ଷତା, ସଠିକତା ଏବଂ ବୃଦ୍ଧିଗତ ଦକ୍ଷତାକୁ ପ୍ରଦର୍ଶନ କରିବା ସହ ଏହି ଐତିହାସିକ ସଫଳତା ଭାରତର ରଣନୈତିକ ବିମାନ ପରିବହନ କ୍ଷମତାକୁ ଆହୁରି ସୁଦୃଢ଼ କରିଛି । ଚ୍ୟାଲେଞ୍ଜି ଭୂଖଣ୍ଡ ଏବଂ ଉଚ୍ଚତାରେ ବିମାନର ସୁରକ୍ଷିତ ଅବତରଣ ଏହାର କର୍ମଚାରୀଙ୍କ ଅସାଧାରଣ ସଠିକତା ଏବଂ ଦକ୍ଷତାକୁ ପ୍ରଦର୍ଶନ କରିଛି । ଲଦାଖ ଭଳି କଷ୍ଟକର ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଂଚଳକୁ ଭାରୀ ସାମରିକ ଉପକରଣ ଏବଂ ଗୁରୁତ୍ୱପୂର୍ଣ୍ଣ ସମ୍ବଳର ପରିବହନ ପାଇଁ ଏହି ସଫଳତା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଆଇଏଲ-୭୬ଏମଡି ହେଉଛି ଭାରତୀୟ ବାୟୁସେନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାରୀ ସାମରିକ ପରିବହନ ବିମାନ ମଧ୍ୟରୁ ଗୋଟିଏ । ଏହାକୁ ଦୀର୍ଘ ଦୂରତା ପର୍ଯ୍ୟନ୍ତ ସୈନ୍ୟ, ଟ୍ୟାଙ୍କ, ସାମରିକ ଯାନ, ଅସ୍ତ୍ରଶସ୍ତ୍ର ଏବଂ ଭାରୀ ମାଲ ପରିବହନ ପାଇଁ ଡିଜାଇନ୍ କରାଯାଇଛି । କଷ୍ଟକର ଭୌଗୋଳିକ ଏବଂ ପାଣିପାଗ ପରିସ୍ଥିତିରେ ମଧ୍ୟରେ ସାମରିକ ପରିବହନ ଦାୟିତ୍ୱ ସମ୍ପାଦନ କରିବା ଏହାର ଅନନ୍ୟ କ୍ଷମତ ।

ରାଜପାଲଙ୍କୁ ଗିରଫ ନିର୍ଦ୍ଦେଶ



ନୂଆଦିଲ୍ଲୀ,୭/୧୧:ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ସୁପ୍ରିମକୋର୍ଟରୁ ଗାଳି ଶୁଣିବା ପରେ ବି ଅଭିନେତା ସୁଧୁରିବାର ନା ଧରୁନାହାନ୍ତି । ଏବେ ୨୫ ଲକ୍ଷ ଟଙ୍କାର ଚେକ୍ ବାଉନ୍ସ ମାମଲାରେ କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରିଛନ୍ତି । ଅନେକ ଥର ଶୁଣାଣି ସମୟରେ ରାଜପାଲ କୋର୍ଟରେ ହାଜର ହୋଇ ନଥିଲେ । ଏହା ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଜାମିନଯୋଗ୍ୟ ପରୱାନା ଜାରି ହୋଇଥିଲା । ଏହା ସତ୍ୱେ ସେ କୋର୍ଟରେ ହାଜର ହୋଇ ନଥିଲେ । ଏବେ ରାଜପାଲଙ୍କୁ ଗିରଫ କରିବାକୁ କୋର୍ଟ ମୁମ୍ବଇ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଶୁଣାଣି ପୂର୍ବରୁ ତାଙ୍କୁ କୋର୍ଟରେ ହାଜର କରାଇବାକୁ ମଧ୍ୟ କହିଛନ୍ତି । ଏହି ମାମଲା ମହୁ ନିବାସୀ ଫିଲ୍ମ ଫାଇନାନ୍ସର ପ୍ରକାଶ ଜାଜୁଙ୍କ ଅଭିଯୋଗ ସହ ଜଡ଼ିତ । ଅଭିଯୋଗ ଅନୁଯାୟୀ, ରାଜପାଲ ଯାଦବ ଓ ପ୍ରକାଶ ଜାଜୁଙ୍କ ମଧ୍ୟରେ ୨୫ ଲକ୍ଷ ଟଙ୍କାର କାରବାର ହୋଇଥିଲା । ଏହି ଟଙ୍କା ଫେରସ୍ତ କରିବା ପାଇଁ ରାଜପାଲ ଚେକ୍ ଦେଇଥିଲେ, ଯାହା ପରେ ବାଉନ୍ସ ହୋଇଯାଇଥିଲା । ଏହାକୁ ନେଇ ଜାଜୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗକାରୀଙ୍କ ଓକିଲ ରାଧେଶ୍ୟାମ ଅଗ୍ରୱାଲଙ୍କ କହିଛନ୍ତି ଯେ ଏହା ପରେ ରାଜପାଲ ଯାଦବ ମୁମ୍ବଇ ପୁଲିସ ସମ୍ମୁଖରେ ହାଜର ହୋଇଥିଲେ । ସେ ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ହୋଇ ଜାମିନ କରାଇନେବେ ବୋଲି ଭରସା ଦେଇଥିଲେ । ମାତ୍ର ସେ କୋର୍ଟରେ ହାଜର ହୋଇ ନଥିଲେ କି ଜାମିନ ଆବେଦନ ଦାଖଲ କରି ନଥିଲେ । କ୍ରମାଗତ ଭାବେ ଅନୁପସ୍ଥିତ ରହିବାରୁ କୋର୍ଟ ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ । ଏହା ପରେ ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ୍ ଫରହାନ୍ ଏମ୍. କୁରେଶୀଙ୍କ କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ । ଗିରଫ ସୁନିଶ୍ଚିତ କରିବା ପାଇଁ କୋର୍ଟ ମୁମ୍ବଇ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏକ୍ସପ୍ରେସ୍‌ୱେ ବ୍ରିଜ୍‌ରୁ ତଳକୁ ଖସିଲା ଜିଏସ୍‌ଟି ଅଧିକାରୀଙ୍କ କାର୍

ମିଳିଲା ୫୪.୫୦ ଲକ୍ଷ ଟଙ୍କା ଓ ଗହଣା



ରତଲାମ,୭/୧୧: ମଧ୍ୟପ୍ରଦେଶର ରତଲାମ ଜିଲ୍ଲାରେ ଦିଲ୍ଲୀ-ମୁମ୍ବାଇ ୮ ଲେନ୍ ଏକ୍ସପ୍ରେସ୍ ?ୱେରେ ଘଟିଥିବା ଏକ ସଡ଼କ ଦୁର୍ଘଟଣା ପୁଲିସକୁ ଆଶ୍ଚର୍ଯ୍ୟ କରିଛି । ଗୁଜରାଟର ସୁରଟରେ ନିଯୁକ୍ତ ଜିଏସ୍‌ଟି ଅଧିକାରୀ ପ୍ରବୀଣ ପୁଞ୍ଜୀଲାଲ ନିଜ ପରିବାର ସହ ଦୀପାବଳି ପାଳନ କରିବାକୁ ରାଜସ୍ଥାନ ଯାଉଥିବା ବେଳେ ଜାଓ୍ୱରା ନିକଟରେ ଏକ ବ୍ରିଜ୍ ?ରୁ ତାଙ୍କ କାର୍ ତଳକୁ ଖସି ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ଅଧିକାରୀଙ୍କ ସମେତ ପରିବାରର ଚାରିଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ କାରର ଯାଚଂ କରିବା ସମୟରେ ପୁଲିସ ୫୪.୫୦ ଲକ୍ଷ ଟଙ୍କା ନଗଦ ଏବଂ ସୁନାଗହଣା ଜବତ କରିଛି । ଏହାପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ, ୪୦ ବର୍ଷୀୟ ପ୍ରବୀଣ ପୁଞ୍ଜୀଲାଲ ରାଜସ୍ଥାନର ଗଙ୍ଗାନଗର ଅଂଚଳର ବାସିନ୍ଦା । ସେ ଗୁଜରାଟର ସୁରଟରେ ଜିଏସ୍‌ଟି ବିଭାଗର ଅଧିକାରୀ ଭାବେ କାର୍ଯ୍ୟରତ । ଦୀପାବଳି ଛୁଟିରେ ସେ ନିଜ ପତ୍ନୀ ସନ୍ତୋଷ (୩୭), ପୁଅ ଆଦିତ୍ୟ (୧୦) ଓ ଅଥର୍ବ (୮)ଙ୍କ ସହ ଓ୍ୱାପିରୁ ଗଙ୍ଗାନଗର ଯାଉଥିଲେ । ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ୧୫ ମିନିଟ୍‌ରେ ସେମାନଙ୍କ କାର୍ ରତଲାମ ଜିଲ୍ଲାର ଜାଓ୍ୱରା ଶିକ୍ଷାଂଚଳ ନିକଟସ୍ଥ ନୀମନ ନାଗଦୀ ଅଂଚଳରେ ପହଂଚିଥିଲା । ଏହି ସମୟରେ ହଠାତ୍ କାରଟି ନିୟନ୍ତ୍ରଣ ହରାଇ ଏକ୍ସପ୍ରେସ୍ ?ୱେ ବ୍ରିଜ୍‌ରୁ ତଳକୁ ଖସିବା ସହ ଏକାଧିକ ଥର ଓଲଟି ପଡ଼ିଥିଲା । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଡାଏଲ୍ ୧୧୨ର ଟିମ୍ ଘଟଣାସ୍ଥଳରେ ପହଂଚି ଥିଲା । ପୁଲିସ କର୍ମଚାରୀମାନେ ବହୁ କଷ୍ଟରେ କାର ଭିତରେ ଫସି ରହିଥିବା ଚାରିଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜାଓ୍ୱରା ହସ୍ପିଟାଲକୁ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଛି । ପୁଲିସ କହିଛି ଯେ, ବର୍ତ୍ତମାନ ଆହତଙ୍କ ଚିକିତ୍ସାକୁ ପ୍ରାଥମିକତା ଦିଆଯାଉଛି ।

ସିମିଳିଗୁଡ଼ାରେ ବାଘ ଆତଙ୍କ

ଟ୍ରାପ୍ କ୍ୟାମେରାରେ କଏଦ ହେଲା ବାଘ



କୋରାପୁଟ,୭/୧୧(ନି/ପ୍ର): କୋରାପୁଟ ଜିଲ୍ଲା ସିମିଳିଗୁଡ଼ା ଅଂଚଳରେ ବାଘ ଆତଙ୍କ । ଝରାପୁଟ ଗାଁ ନିକଟରେ ବନ ବିଭାଗର ଟ୍ରାପ୍ କ୍ୟାମେରାରେ କଏଦ ହୋଇଛି ବାଘର ଗତିବିଧି । ଅକ୍ଟୋବର ୩୦ ତାରିଖରେ କ୍ୟାମେରାରେ ରେକର୍ଡ ହୋଇଥିବା ଏହି ଦୃଶ୍ୟ ପରେ ଅଂଚଳରେ ଚିନ୍ତା ବଢ଼ିଛି । ଗତ କିଛି ଦିନ ହେଲା ସିମିଳିଗୁଡ଼ା ଅଂଚଳରେ ଏକ ବାଘ ଚଳପ୍ରଚଳ କରୁଥିବା ନେଇ ଖବର ମିଳିଥିଲା । କିଛି ଦିନ ପୂର୍ବେ ଏକ ମଇଁଷି ଶିକାର ହେବା ପରେ ବନ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଘଟଣାସ୍ଥଳରୁ ମିଳିଥିବା ପାଦଚିହ୍ନ ବାଘର ଉପସ୍ଥିତି ନେଇ ସଙ୍କେତ ଦେଇଥିଲା । ଏବେ ଟ୍ରାପ୍ କ୍ୟାମେରାରେ ବାଘର ଦୃଶ୍ୟ କଏଦ ହେବା ପରେ ଏହା ସ୍ପଷ୍ଟ ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଚିନିଟି ସିଫ୍ଟରେ ନିରନ୍ତର ପାଟ୍ରୋଲିଂ କରାଯାଉଛି । ସିମିଳିଗୁଡ଼ା ଓ ବାଲଡ଼ା ରେଞ୍ଜର କର୍ମଚାରୀଙ୍କ ସହ ରାପିଡ୍ ରେସପନ୍ସ ଟିମ୍ ମଧ୍ୟ ଏହି ଅଭିଯାନରେ ନିୟୋଜିତ ହୋଇଛନ୍ତି ।

ଲିସ ଷ୍ଟେସନରେ ବିସ୍ଫୋରଣ :

ନୂଆଦିଲ୍ଲୀ,୭/୧୧:ରାଜଧାନୀ ଦିଲ୍ଲୀ ସଂଲଗ୍ନ ଗାଜିଆବାଦର ଇନ୍ଦିରାପୁରମ ପୁଲିସ ଷ୍ଟେସନ ଅଂଚଳରେ ଥିବା ବସୁନ୍ଧରା ପୁଲିସ ଷ୍ଟେସନରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହା ପୁଲିସ ଷ୍ଟେସନର ଝରକା ଏବଂ ଏୟାର କଣ୍ଡିସନରକୁ କ୍ଷତି ପହଂଚାଇଥିଲା । ବିସ୍ଫୋରଣର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା । ବିସ୍ଫୋରଣରେ ୨୦ ବର୍ଷୀୟ ଖାଦ୍ୟ ଡେଲିଭରି ବୟ ବିଶାଲ ଏବଂ ଜଣେ ସବ-ଇନ୍ସପେକ୍ଟର ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ଲାଗି ଦିଲ୍ଲୀର ସୂର୍ଯ୍ୟ ନଗରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବିଶାଲ ଗାଜିଆବାଦର ଅର୍ଥଲାର ବାସିନ୍ଦା ଏବଂ ଖାଦ୍ୟ ଡେଲିଭରି ବୟ ଭାବେ କାର୍ଯ୍ୟ କରନ୍ତି । ବିସ୍ଫୋରଣ ସମ୍ପର୍କରେ ସୂଚନା ପାଇବା ପରେ ପୁଲିସ ଏବଂ ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଘଟଣାସ୍ଥଳରେ ପହଂଚିଛନ୍ତି ।

ମିସାଇଲ୍ ମାଡ଼ରେ ଥରିଲା ୟେମେନ୍



ନୂଆଦିଲ୍ଲୀ,୭।୧୧: ୟେମେନରେ ହୁତି ବିଦ୍ରୋହୀ ଏବଂ ସାଉଦି ଆରବ ସମର୍ଥିତ ସରକାରୀ ବାହିନୀ ମଧ୍ୟରେ ପୁନର୍ବାର ଆରମ୍ଭ ହୋଇଥିବା ରକ୍ତାକ୍ତ ସଂଘର୍ଷରେ ଏମର୍ମନ୍ତୁଦ ଦୁର୍ଘଟଣା ସୃଷ୍ଟି କରିଛି । ଦକ୍ଷିଣ-ପଶ୍ଚିମ ୟେମେନର ତାଏଜ୍ ପ୍ରଦେଶସ୍ଥିତ 'ଅଲ୍-ଓ୍ୱାଜିଆ'ର ଏକ ବ୍ୟସ୍ତବହୁଳ ବଜାରରେ ଶୁକ୍ରବାର ସକାଳେ ଘଟିଥିବା ଭୀଷଣ ବାୟୁସେନା ଆକ୍ରମଣରେ ଅତିକମ୍ରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ହୁତି ବିଦ୍ରୋହୀଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ମୁଖପାତ୍ର ଅନୀସ ଅଲ୍‌ସବହି ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ ଏହି ଆକ୍ରମଣକୁ ସ୍ପଷ୍ଟ କରିଛନ୍ତି । ଯୁଦ୍ଧ ପୁଣି ଥରେ ତୀବ୍ର ହେବା ପରେ ଏହାକୁ ସବୁଠାରୁ ମାରାତ୍ମକ ଆକ୍ରମଣ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଉଛି । ଅଲ୍-ମସିରା ଦ୍ୱାରା ପ୍ରସାରିତ ଭିଡିଓରେ ଆକ୍ରମଣ ସ୍ଥାନରୁ ପ୍ରବଳ ଧୂଆଁର କୁଣ୍ଡଳୀ ଉଠୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଖାଦ୍ୟ ସାମଗ୍ରୀର ନଷ୍ଟ ହୋଇଥିବା କୋଠାବାଡ଼ି, ପୋଡ଼ି ଜଳି ଯାଇଥିବା ଯାନବାହନ ପଡ଼ିରହିଛି । ଏହି ଆକ୍ରମଣ ଶୁକ୍ରବାର ସକାଳ ପ୍ରାୟ ୭ଟା ସମୟରେ 'ଅଲ୍-ହଦରା' ବଜାରରେ ଘଟିଥିଲା ।

15001/134/2627



ପବିତ୍ର ଦୀପାବଳି ଉପଲକ୍ଷେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ବ୍ରଜମୋହନ ରାମ)



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଜୀବନରୁ ଅଜ୍ଞାନତାକୁ ଅପସାରିତ କରି ଜ୍ଞାନର ପରିପ୍ରକାଶ କରିବାର ମହାନ ପ୍ରତୀକ ହେଉଛି ପବିତ୍ର ଦୀପାବଳି । ଏହା ହେଉଛି ସମାଜିକ ସଂପ୍ରୀତି ଓ ସକାରାତ୍ମକ ମନୋଭାବର ଏକ ଉତ୍ସବ ।

ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

ଆସନ୍ତୁ, ଏହି ପର୍ବକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR- 15001/15001/2/26-27/0133



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122



କେନ୍ଦୁଝର ଜିଲ୍ଲାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୬୩୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି

ଆଡମିନିଷ୍ଟ୍ରେଟିଭ୍ ବିଲ୍ଡିଂ ଏବଂ ହଷ୍ଟେଲ ପାଇଁ ଭିତିପ୍ରସ୍ତର ସ୍ଥାପନ

କେନ୍ଦୁଝର,୭/୧୧(ନି/ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଧରଣୀ ଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସ ଏକାଡେମିକ୍‌ବିଲ୍ଡିଂ, ଆଡମିନିଷ୍ଟ୍ରେଟିଭ୍ ବିଲ୍ଡିଂ ଏବଂ ହଷ୍ଟେଲ ପାଇଁ ଭିତିପ୍ରସ୍ତର କରାଯାଇଛି । ଆଜି ଗୋଟିଏ ଦିନରେ ପ୍ରାଥମିକ ଶିକ୍ଷା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ତା'ସହିତ ଗୋଟିଏ ଷ୍ଟେଟ୍-ବିଜିନେସ୍ ପାର୍କ ପାଇଁ ମଧ୍ୟ ଭୂମି ପୂଜନ କରାଯାଇଛି । ପ୍ରାୟ ୫.୫୬ ଏକର ପରିମିତ ବିଶାଳ ଜମିରେ, ୨୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏହି ବିଜନେସ୍ ପାର୍କ ହେବ ଉନ୍ନତ ଓଡ଼ିଶାର ସବୁଠାରୁ ଆଧୁନିକ ଓ ଭବ୍ୟ ପ୍ରଯୁକ୍ତିବିଦ୍ୟା ଭିତିପ୍ରସ୍ତର କରାଯାଇଛି । ଆଜି ଗୋଟିଏ ଦିନରେ ପ୍ରାଥମିକ ଶିକ୍ଷା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ତା'ସହିତ ଗୋଟିଏ ଷ୍ଟେଟ୍-ବିଜିନେସ୍ ପାର୍କ ପାଇଁ ମଧ୍ୟ ଭୂମି ପୂଜନ କରାଯାଇଛି । ପ୍ରାୟ ୫.୫୬ ଏକର ପରିମିତ ବିଶାଳ ଜମିରେ, ୨୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏହି ବିଜନେସ୍ ପାର୍କ ହେବ ଉନ୍ନତ ଓଡ଼ିଶାର ସବୁଠାରୁ ଆଧୁନିକ ଓ ଭବ୍ୟ ପ୍ରଯୁକ୍ତିବିଦ୍ୟା ଭିତିପ୍ରସ୍ତର କରାଯାଇଛି । ଆଜି କେନ୍ଦ୍ର ।୭ ମହଳା ବିଶିଷ୍ଟ ଡେଟାଲ ଜଲେଜ ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ଏବଂ ୧୦ ମହଳା ବିଶିଷ୍ଟ ନର୍ସିଙ୍ଗ୍ ଜଲେଜ ପାଇଁ ପ୍ରାୟ ୬୩ କୋଟି ଟଙ୍କା ବିନିଯୋଗ କରାଯିବ । ବର୍ତ୍ତମାନ କେନ୍ଦୁଝରରେ ମେଡିକାଲ ଜଲେଜ ସହିତ ଡେଟାଲ ଓ ନର୍ସିଙ୍ଗ୍ ଜଲେଜ ନଥିବାରୁ ଏହି ସମସ୍ତ ଶିକ୍ଷାର୍ଥୀ ଏକ ପରିମିତ ବିଶାଳ ଜମିରେ, ୨୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ବିଜନେସ୍ ପାର୍କ ହେବ ଉନ୍ନତ ଓଡ଼ିଶାର ସବୁଠାରୁ ଆଧୁନିକ ଓ ଭବ୍ୟ ପ୍ରଯୁକ୍ତିବିଦ୍ୟା ଭିତିପ୍ରସ୍ତର କରାଯାଇଛି । ଆଜି କେନ୍ଦ୍ର ।୭ ମହଳା ବିଶିଷ୍ଟ ଡେଟାଲ ଜଲେଜ ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ଏବଂ ୧୦ ମହଳା ବିଶିଷ୍ଟ ନର୍ସିଙ୍ଗ୍ ଜଲେଜ ପାଇଁ ପ୍ରାୟ ୬୩ କୋଟି ଟଙ୍କା ବିନିଯୋଗ କରାଯିବ । ବର୍ତ୍ତମାନ କେନ୍ଦୁଝରରେ ମେଡିକାଲ

ବିବିଧା

ରାଶିଫଳ

ମେଷ: ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସାମାଜସେବାରେ ମନୋନିବେଶ କରିବେ। ଅପିତ୍ୟରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

ବୃଷ: ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ରହିବ।

ମିଥୁନ: ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କାମ୍‌ନିମନ୍ତେ ଭଲି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ରହିବ। ମହିଳାଙ୍କ ସମ୍ମାନ ଭଲରେ ଅତିବାହିତ ହେବ।

କର୍କଟ: ଦିନଟି ଶୁଭପ୍ରଦ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅପିତ୍ୟରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

ସିଂହ: ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହର୍ଷଖୁସିର ପରିବେଶ ରହିବ। ଦାନ୍ତାନ ଜନି ଯୋଗ ଅଛି। ଚାକ୍ଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

କନ୍ୟା: କୌଣସି ଜାମ ସମ୍ମାନୁସାରେ ଖର୍ଚ୍ଚ କରିବେ ନାହିଁ। ଚାକିରିରେ ମଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

ତୁଳା: ସାମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅମିତ୍ୟରେ ଜାର୍ଯ୍ୟଲାଭ ବଢ଼ିପାରନ୍ତା। ଜମସ୍ତ ଜାର୍ଯ୍ୟକୁ ମୂଲ୍ୟ କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

ବିଛା: ଦିନଟି ମଙ୍ଗଳପ୍ରଦ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକାର୍ଜନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ହେବ।

ଧନୁ: ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଯୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

ମକର: କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

କୁମ୍ଭ: ଦର୍ଶ ଅନୁସାରେ ଫଳ ମିଳିବ। ଦାଦସାୟତ୍ତ ଆଶାତନ୍ତଦ ଲାଭ ମିଳିବ। ସଜାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

ମୀନ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

ଆଜିର ଇତିହାସ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ଜର୍ମାନରୁ ଆମେରିକା ଚାଲିଗଲେ।
- ୧୯୭୨- ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୫୮- ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଯୋଗୁଁ ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯- ମାଳଦ୍ୱୀପ ପାଣି ତଳରେ ପ୍ରଥମ କ୍ୟାବିନେଟ୍ ବୈଠକ ଡାକି ବିଶ୍ୱର ସବୁଦେଶକୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

ଜଳୁଛି ଚାରିପଟେ ଧୂଆଁ ଭରିଛି ଫୁସଫୁସ



ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି। ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ଚାନାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗାସ୍ତାର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ତତ୍ତ୍ୱ ଜଳିବା ଦ୍ୱାରା ହାନିକାରକ ଫ୍ୟାସ୍ ନିର୍ଗତ ହୁଏ। ଏଥିରୁ ଦାର୍ବନ ମନୋକ୍ସାଇଡ୍, ବେନଜେନ, ଫରମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଜଗାଚାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ପୂର୍ବପୂର୍ବ ପାଇଁ ଷତିକାରକ ହୋଇଥାଏ। ଏହାର ବାହା ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗାସ୍ତାର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ ଷତି ପହଞ୍ଚାଏ। ଏପରିକି ଏହା ହୃଦ୍‌ପତ୍ତ ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଜଗାଚାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ନିତିଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ଚ୍ରାରେ ଧୂପକାଠି ଦ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ନାହୁଁମିଳେ ଏମସନ୍ତନିମାଲ ଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ। ଅନ୍ୟପଟେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ଘାରିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କୋଟାଟୁମ୍ବୋ ଲାଇନ୍‌ମିନ୍। ଏହା ଭେନେଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କୋଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମିଗାକାରେ। ହ୍ରଦ ପହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଶ୍ୱରେ ଓ ବତ୍ପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୋଣସି ପିକ୍ଚୁ ସେଟ୍‌ଠାରୁ କମ୍ ନୁହେଁ। କୋଟାଟୁମ୍ବୋ ଲାଇଟନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର କଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ଦେଖା ଯାଏ ଯେ, ଏହାକୁ ୫୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମତ୍କାର ଆକାଶକୁ ଏକ ବିଜ୍ଞାନ ଆଲୋକ ପ୍ରବର୍ଶନୀ ବା ଲାଇଟ୍ ଶୋ'ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି ଜାକିଟି ଗର୍ଜେ, ତାର ରହସ୍ୟ ଜାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏକାକୁ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ ଜୁହାଯାଇଥିଲା ଯେ, ଏହି ସ୍ଥାନରେ ପ୍ରତିମିନିଟରେ ମାତ୍ର ୩ଥର ପରି ହେଉଛି, ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମଥେମର ମାତ୍ରା ଅଧିକ ରହିବା କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ ଜୋରଦି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।



'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ



'ନୋ ଏଣ୍ଟ୍ରି ୨'ର ଶୁଟିଂ ଆରମ୍ଭ ହେବାର ଖବର ପାଇ ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ପିକ୍ଚୁ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ପିକ୍ଚୁ ଛାଡ଼ି ଦେଇଥିବା ଜିଛି ରିପୋର୍ଟରେ ପ୍ରକାଶ ପାଇଛି। 'ନୋ ଏଣ୍ଟ୍ରି ୨' ୨୦୦୫ରେ ଆସିଥିବା ପିକ୍ଚୁ 'ନୋ ଏଣ୍ଟ୍ରି'ର ସିକ୍ୱେଲ। ମୂଳ ପିକ୍ଚୁରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନୀଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବଷୟରେ ପିକ୍ଚୁ ନିର୍ମାତା ଘୋଷଣା କରିବାରୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜୁନ୍‌ଙ୍କୁ ଦେଖି ମିଳିଥିଲା। ବରୁଣ ଏବେ 'ଡେଡିୟା ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୦୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ 'ନୋ ଏଣ୍ଟ୍ରି ୨'ର ସୁଟ୍ ଅଟକିଯିବ ଅନୁଭବ କରି ସେ ପିକ୍ଚୁ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ପିକ୍ଚୁ ଛାଡ଼ି ଦେଇଥିବାରୁ ଏବେ ପିକ୍ଚୁ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନ୍ୟ ବଲ୍‌ମା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ 'ଦର୍ଡର ୨' ପିକ୍ଚୁରେ ନଜର ଆସିବେ।

ସଞ୍ଜୀବନୀ



ବିଶ୍ୱ ଆଘାତ ଦିବସ



ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗମ୍ଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମ୍ମାନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।

ଆଘାତ ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ଦିବ୍ୟାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ପ୍ରମୁଖ ସମସ୍ୟା। ସଡ଼କ ଦୁର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଇଥାଏ। ଶରୀର ମନ୍ତ୍ରଣା ଜନ୍ତା, ଥକ୍କାପଣ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍‌ଆଇଆର ସ୍କାନ କରାଯାଏ। ଅଲିଙ୍କ ଟ୍ରମା ଦ୍ୱେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

ଶିଶୁ କର୍କଟ

ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି

ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟ ଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡିତ। ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।



ଶିଶୁ କର୍କଟ ଏକ ବିରଳ ରୋଗ। ମୁଖ୍ୟତଃ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା'ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂରକ୍ଷଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

ପୁଅକୁ ଲ୍ୟୁକେମିଆ ଓ ଝିଅକୁ ୱିଲମ୍ସ ଟ୍ୟୁମରର ବିପଦ

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ ୱିଲମ୍ସ ଟ୍ୟୁମର (କିଡ୍‌ନୀ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

ଲକ୍ଷଣକୁ ବୁଝନ୍ତୁ: ଶିଶୁଙ୍କଠାରେ ଜଗାଚାର ଅସାଧାରଣ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ଶିଶୁଙ୍କୁ ବୁଝନ୍ତୁ: ଶିଶୁଙ୍କଠାରେ ଜଗାଚାର ଅସାଧାରଣ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ କମିନିକିବି ବିନା କାରଣରେ ଓଜନ କମ୍ ହେବା, ଥକ୍କାପଣ, ଦୀର୍ଘ ସମୟ ଯାଏ ଜ୍ୱର ରହିବା, ଭରିକା ଗ୍ରନ୍ଥି ଫୁଲି ରହିବା, ବୃଦ୍ଧା ହଳଦିଆ ପଡ଼ିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ

ସ୍ମାର୍ଟ ଡେଣ୍ଟାଲ ମେସିନ୍ ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ



ଦାନ୍ତ ପୋକ ଖାଇଲେ, ଅଧା ଖାଇଗଲେ, ମାଡ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିଷ ହୋଇଥାଏ। ଦାନ୍ତ ବିଷ ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ସଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ବିଳ୍ପା, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଜଗାଯାଇଛି। ଯାହାଦ୍ୱାରା ରୋଗୀ ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆର ଆଧାରିତ ସ୍କାନ୍‌ର ଏଆର ମେସିନ୍। ଏଆର ଆଧାରିତ ନାବା ରୋବଟ୍ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ରୋଗୀ ମେସିନ୍ ପାଖେ ଛିଡା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏକ୍ସରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପାଟ୍‌ଡିକଙ୍କ ହ୍ୱାଟସଆପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାର ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।

- ସଜନା ପତ୍ରକୁ ଛାୟା ଶୁଷ୍କ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଅକ୍ସାଫର୍ଡ ଦ୍ୱାରା ହୁଏ। ଏଥିରେ ଭିଟାମିନ୍ -ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥା

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ରବିବାର ୮ ନଭେମ୍ବର ୨୦୨୬

ଈଶ୍ୱରଙ୍କ ଚିତ୍ର

ଅସାମାନ୍ୟ ସାହସ ଦେଖାଇଥିବା ପାଇଲଟ ସ୍ୱିତ ମଲ୍ଲରଙ୍କ 'ଫ୍ଲାଏଦୁବାଇ' ଏୟାରଲାଇନ୍ ?ସରେ ନିଯୁକ୍ତି ଓ ସେ ଦିନ ସେହି ବିମାନରେ ଥିବା ଯୁବତି, 'ସ୍ନେହ ଭ୍ରାସ ଜନଭେଷ୍ଟିଗେସନ୍ସ' ନାମକ ଧାରାବାହିକ ଟେଲିଭିଜନରେ ଦେଖି ଚହିଁରୁ ଆହରଣ କରିଥିବା ସାମାନ୍ୟ ଓ ସ୍ୱଳ୍ପ-ଅସ୍ପଷ୍ଟ ଜ୍ଞାନ ବଳରେ ଅଘଟ୍ୟ। 'ଲିଭର' ଦୁରନ୍ତିକୁ ଡେକି ଦେଇ ବିମାନକୁ ଭୂପତିତ ହେବାରୁ ଖଣିଜେ ରକ୍ଷା କରିଥିବା ଫୁଟର ଯାନିଜ ହାସ୍ତୁନଙ୍କ ସେହି ବିମାନରେ ଉପସ୍ଥିତି ଏବଂ ଯାତ୍ରୀ ଭାବେ ଦୁଇ ଅଭିଜ୍ଞ ପାଇଲଟଙ୍କ ସେହି ବିମାନରେ ଯାତ୍ରା ହେଉଛି ସେହି ସବୁ ବିରୁ ଯାହାକୁ ଯୋଡ଼ିଲେ ଈଶ୍ୱରଙ୍କ ଅପୂର୍ବ ଭିଆଣକୁ ଦେଖି ହୁଏ। ଗଲା ସେପ୍ଟେମ୍ବର ୩୦ ତାରିଖରେ, ୧୭୪ ଜଣ ଯାତ୍ରୀଙ୍କୁ ଘେନି ଦୁବାଇରୁ ଡେଇ ଅଭିଜ (ଇସ୍ତାଏଲ) ଅଭିମୁଖେ ଯାତ୍ରା କରୁଥିବା ବୋଇଂ ୭୩୩ ମାକ୍ସ (ଏଫ ଜେଡ୍ ୧୦୭୩)ରେ ଂଫଟିଚ ଏକ ଘଟଣା ସମଗ୍ର ପୃଥିବୀକୁ ତପ୍ତ କରିଦେଇଛି; ତେବେ ସେତିକି ନୁହେଁ, ତା' ସହିତ ବିମାନ ଯାତ୍ରୀର ନିରାପତ୍ତା, ବିଶ୍ୱାସ ଭଙ୍ଗ, ଅସାମାନ୍ୟ ସାହସ ଓ ଅଲୌକିକତା ଆଦିକୁ ନେଇ ଆଲୋଚନା, ପ୍ରଶ୍ନ ଓ ତର୍କ ଆଦିର ଝୁଡ଼ାର ସୃଷ୍ଟି ଜରିଛି। ଜହିବା ବାହୁଲ୍ୟ ଯେ ଏହି ଂଦଘଟଣି ସମସ୍ତ ଭାରତୀୟଙ୍କ ସଜାଗ ମଧ୍ୟ ତର୍ବବୋଧର ବିଷୟ ହୋଇଥାଏ, କାରଣ ପୁଖଙ୍କର ସମାପ୍ତି ସହିତ ଯବନିକା ପଡ଼ିଥିବା ଏହି ନାଟଙ୍କର ମହାନାୟକ ହେଉଛନ୍ତି ତହିଁରେ ଥିବା ଭାରତୀୟ ପାଇଲଟ ସ୍ୱିତ ମଲ୍ଲର। ବିମାନ ଉଡ଼ାଣର ଇତିହାସରେ ଅଭୂତପୂର୍ବ ଏଭଳି ଏକ ଘଟଣା ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଆଲୋକନା ଏଠାରେ ପ୍ରାସଜିକ ହୋଇଥାଏ। ଏତେ ବେଳକୁ ଘଟଣାଟି ପ୍ରାୟ ସର୍ବଜନବିଦିତ ହୋଇଯାଇଥିଲେ ହେଁ ଅତି ଂଂକ୍ଷେପରେ ତା'ର ଅତଡାରଣା ଜରାଯାଇପାରେ। ଂଂସିତ ବିମାନର ନିଭୃତ କକ୍ପିଟରେ, ଜ୍ୟାପଟେନ ସ୍ୱିତ ମଲ୍ଲର ତାଙ୍କ ସହ-ପାଇଲଟର ସଶସ୍ତ୍ର ଆକ୍ରମଣରେ ଗୁରୁତର ଭାବେ ଆହତ ହୁଅନ୍ତି ସିନା, ଂଘର୍ଷ ଜରି ଭିତରୁ ଜିଲା ଯାଇଥିବା କକ୍ପିଟ ଦରଜାକୁ ଖୋଲି ଦିଅନ୍ତି। କକ୍ପିଟ ଭିତରେ ଅସ୍ତ୍ରାଲଚିକ ଚିତ୍କାର ଶୁଣି ସେତେବେଳକୁ ଜାଗ୍ରତ ହୋଯାଇଥିବା ଯାତ୍ରୀମାନେ ତର୍ଭଣ୍ଡାତ୍ କିତରକୁ ପଶି ସେହି ଉଦ୍ଭ୍ରାନ୍ତ ପାଇଲଟକୁ ନିଷ୍କ୍ରିୟ କରି ଦିଅନ୍ତି, ଯିଏ ସେତେବେଳକୁ ବିମାନ ଚାଳନାକୁ ଅକ୍ଷିଆର କରିସାରିଥାଏ ଓ ବିମାନଟି ଶବର ବେଗ ସହିତ ସମତୁଲ ବେଗରେ ଡଳପୃଷ୍ଠା ହୋଇ ଖସି ଚାଲିଥାଏ। ଜଣାପଡ଼ିଛି ଯେ ମାତ୍ର ୨୦ ସେକେଣ୍ଡ ମଧ୍ୟରେ ବିମାନଟି ନିମ୍ନସାମୀ ହୋଇଥିଲା ୧୭ ହଜାର ଫୁଟ। ତେବେ, ଘଟଣା କ୍ରମେ ସ୍ପିଡ଼ିକୁ ନିୟନ୍ତ୍ରଣକୁ ଅଣାଯାଏ ଏବଂ ବିମାନକୁ ନିରାପଦରେ ଅବତରଣ କରାଯାଏ। ଏହି ପ୍ରକରଣରେ ଅନିର୍ବଚନୀୟ ଭୂମିକା ନିର୍ବାହ କରନ୍ତି ଯଥାକ୍ରମେ ଜଣେ ସାଧାରଣ ଫୁଟର (ପାଣି ପାଇପ ମିସ୍ତ୍ରି) ଓ ଯାତ୍ରୀ ଭାବେ ବିମାନରେ ଉପସ୍ଥିତ ଥିବା ଦୁଇ ଜଣ ଅଭିଜ୍ଞ ପାଇଲଟ। ସୁତରାଂ, ତିନି ଜାସଜଙ୍କ ଅବଦାନରେ ଏକ ସୁନିଶ୍ଚିତ ବିପର୍ଯ୍ୟୟ ଅବଲାଜା କ୍ରମେ ଏକ ସୁଖାନ୍ତକ ଜାହାଣୀ ସୃଷ୍ଟି ଜରେ। ତେବେ, ଖୁବ୍‌ଶୀଘ୍ର, ଏହି ଘଟଣା, ଇସ୍ତାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ଦ୍ୱାରା ଏକ ଆତଙ୍କବାଦୀ ଆକ୍ରମଣ ରୂପେ ଚିହ୍ନିତ ହେବା ମଧ୍ୟ ସନ୍ଦେହ, ଂଂଶୟ ଓ ସମାଲୋଚନାର ସୂତ୍ରପାତ ଜରିଛି। ଜାରଣ, ନେତନ୍ୟାହୁଙ୍କ ଏଭଳି ଘୋଷଣା ବେଳକୁ ପରିଗ୍‌ଧି ପାଇଲଟର ଜାତୀୟତା ଓମାନୀ ବୋଲି ଏକ ସୂତନା ବ୍ୟତୀତ ଆଉ କୌଣସି ତଥ୍ୟ ତାଙ୍କ ହସ୍ତଗତ ହୋଇ ନ ଥିବ ! ସୁତରାଂ, ଅଭିଯୁକ୍ତର ଅଭିସନ୍ଧି ପଛରେ ଅପରାଧ ନା ଆତ୍ମପାତ ନା ଆତଙ୍କବାଦ ନିହିତ; ତାହା କୁହାଯିବା ସମ୍ପୂର୍ଣ୍ଣ ଦୁଇଁ (ଏହା ଲେଖା ହେବା ବେଳକୁ ମଧ୍ୟ ତାହା ସ୍ପଷ୍ଟ ହୋଇନାହିଁ) ! ଅବଶ୍ୟ, ଓମାନ ହେଉଛି ଇସ୍ତାଏଲର ଜାତ ଶତ୍ରୁ ଇରାନର ଏକ ମିତ୍ର ରାଷ୍ଟ୍ର, ଯାହା ଏ ଯାବତ୍ ଇସ୍ତାଏଲକୁ ସ୍ୱୀକୃତି ପ୍ରଦାନ କରିନାହିଁ। କିନ୍ତୁ, କେବଳ ଏତିକି ମାତ୍ର ସୂତନାକୁ ଆହୁତ ନେତନ୍ୟାହୁଙ୍କ ଉପସଂହାର ଅଙ୍ଗଷ୍ୟଙ୍କ ସଜାଗ ଅନ୍ୱୀକାର୍ଯ୍ୟ ହୋଇଥାଏ। ସେମାନେ ଏହାକୁ, ଆସାମୀ ଇସ୍ତାଏଲୀ ନିର୍ବାଚନ ପୃଷ୍ଠଭୂମିରେ, ଆପଣା ଅବଷ୍ଟାସିଥିବ ଜନ ସମର୍ଥନର ଭରଣା ଲାଗି ନେତନ୍ୟାହୁଙ୍କ ଏକ କୌଶଳ ରୂପେ ଦେଖନ୍ତି; ଜାରଣ ଆତଙ୍କବାଦ ବଳକୁ ସୁରକ୍ଷା ବେବାରେ ସେ ହିଁ ଏକମାତ୍ର ସମର୍ଥ ନେତା ବୋଲି ବ୍ୟାଖ୍ୟାନଟିଏ ଗଢ଼ିବାରେ ସେ ବ୍ୟାପୃତ ! ତେବେ, ସେ ଯାହା ହେଉ, ରାଜନୈତିକ ଆରୋପ-ପ୍ରତ୍ୟାରୋପର ଉତ୍ତାତ ଭିତରେ କେତେକ ମୌଳିକ ପ୍ରଶ୍ନ ନିଷ୍ପତ୍ତ ହୋଇଯାଆନ୍ତି ନାହିଁ, ଯାହା ନିରାପଦ ବିମାନ ଯାତ୍ରା ସଜାଗତ ସର୍ବତ୍ର ଓ ସବୁ ସମୟରେ ଅନିବାର୍ଯ୍ୟ ବୋଲି ମନେ ହୋଇଥାଏ। ପ୍ରଥମ ପ୍ରଶ୍ନ ଉଠିଥାଏ ଯେ ଆକ୍ରମଣରେ ଜେଇଁପ୍ରସ୍ତ ବ୍ୟବହୃତ ହୋଇଥିଲା ? ଅନୁମାନ କରାଯାଉଛି ଯେ ଜବୁରାକାଳୀନ ସ୍ଥିତିରେ, ଜୀବନ ବଚାଇବା ଲାଗି, ବିମାନର ଜାତ ଇଞ୍ଜିନର ସାଥିବର୍ଗଙ୍କ ଦୃଷ୍ଟିକୁ ଜକପିଟରେ ରଖାଯାଇଥିବା ହାତୁଡ଼ିଟି ହୁଏତ ସେହିଆସ୍ତ ! ଯଦି, ସେଭଳି ହୋଇଥିବ, ତେବେ ବ୍ୟବସ୍ଥାରେ ସଚ୍ଚିହିତ ବିପଦଟି ହଠାତ୍ ଜଜାରର ହୋଇଯାଇଛି ବୋଲି କହିବାକୁ ହେବ ! ଏବଂ ଯଦି ଂସ୍ପୃଷ୍ଟ ପାଇଲଟ ଅନ୍ୟ କୌଣସି ଅସ୍ତ୍ରର ବ୍ୟବହାର କରିଥିବେ, ତେବେ ତହିଁରେ କେବଳ ସୁରକ୍ଷା ଯାଚଁ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଜରିବା ଯଥେଷ୍ଟ ହେବ ନାହିଁ; କାରଣ ଏହା ସହିତ ବିଶ୍ୱାସର ସେହି ସେତୁଟି ମଧ୍ୟ ଧରାଶାୟୀ ହୋଇଯିବ, ଯହିଁରେ ବିମାନର ପାଇଲଟ ଓ 'କ୍ରିଉ' (ଜର୍ମଚାରୀ) ଜବାପି ଅପହର୍ତା ବା ଆତ୍ମଘାତୀ ବା ଆତଙ୍କବାଦୀ ହୋଇ ନ ପାରନ୍ତି ବୋଲି ଯାତ୍ରୀମାନଙ୍କ ଚଦ୍ମପୂଜ ବିଶ୍ୱାସ ଥାଏ। ଏଥିରେ ବିଚ୍ୟୁତି ଘଟିଲେ ବିଶ୍ୱାସ ଭଙ୍ଗର ଯେଉଁ ଂାଟ ସୃଷ୍ଟି ହୋଇପାରେ, ତାକୁ କୁହିବା ବୋଧହୁଏ ସମ୍ଭବ ହୋଇ ନ ପାରେ ! ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେପ୍ଟେମ୍ବର ୧୧ (୨୦୦୧)ର ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ଜକପିଟର ଦ୍ୱାରକୁ ଭିତରୁ ଜିଜିବାର ବ୍ୟବସ୍ଥା ନ ଥିଲା ବୋ ସେଭଳି ଆବଶ୍ୟକତା ମଧ୍ୟ ବୋଧ କରି ହେଉ ନ ଥିଲା। ତେଣୁ, ଆତଙ୍କବାଦୀମାନେ ଅନାୟାସରେ ଜକପିଟରେ ପ୍ରବେଶ କରି ବିମାନ ଚାଳନାକୁ ଜବଜା କରିବା ସହିତ ଗ୍ଲୁବ୍ ଟ୍ରେଡ ସେଂଟରକୁ ଧ୍ୱଂସ କରିଦେବା ଭଳି ଘଟଣାଟିଏ ଘଟିବା ପରେ ଯାଇ ଜକପିଟକୁ ଭିତରୁ ଜିଜିବାର ନୂତନ ନୀତି ପ୍ରଚଳିତ ହେଲା। କିନ୍ତୁ, ବୁଦାଇ-ଚେଇ ଅଭିଜ ବିମାନରେ ଘଟିଥିବା ଘଟଣା ପରେ ଜ୍ଞାନ ପଶିଜାଣି ଯେ ଭିତରୁ ବନ୍ଦ ହୋଇଥିବା ଜକପିଟ ମଧ୍ୟ ଦରୁାରୁଢ଼ ରୂପ ଦେବା ଲାଗି ଅନୁକୂଳ ନିଭୃତ ଜକ୍ଷରେ ମଧ୍ୟ ପରିଶତ ହୋଇଯାଇପାରେ ! ଏଭଳି ଆଶଙ୍କା ଦୃଷ୍ଟିକୁ ବିମାନ ଯାତ୍ରୀଙ୍କ ସୁରକ୍ଷା ଓ ପ୍ରତ୍ୟୟ ପ୍ରତିଷ୍ଠା ସଜାଗତ କେତେକ ମୌଳିକ ନୀତିଗତ ପରିବର୍ତ୍ତନର ଯେ ଆବଶ୍ୟକତା ରହିଛି, ତହିଁରେ ସନ୍ଦେହ ନାହିଁ।

ଅନୁବାଦରେ 'ଏଆଇ'ର ବ୍ୟବହାର
କ୍ଷୀରୋଦ ପରିଡ଼ା

ପ୍ରସଜାଁ ହେଉଛି ଅନୁବାଦ ବା କୃତ୍ରିମ ବୌଦ୍ଧିକତାର ବ୍ୟବହାର। ଅନୁବାଦରେ ବୌଦ୍ଧିକତା ନଥାଏ ବୋଲି ଯେଉଁମାନେ ଧରିନେଇଛନ୍ତି, ସେମାନଙ୍କ ପାଇଁ କୃତ୍ରିମ ହେଉ କି ମାନବୀୟ, ବୌଦ୍ଧିକତାର କୌଣସି ଗୁରୁତ୍ୱ ହିଁ ନାହିଁ। ତେବେ ସାରା ବିଶ୍ୱରେ ସମସ୍ତ ଜଳା ଜାରିଗରିରେ ଜମ୍ପ୍ୟୁଟରକୁ ନଜା ବ୍ୟବହାର ହେଉଛି। ଏବେ ପୋଷାଜପ୍ରରୁ ଆସବାବ, ଚିତ୍ରଜଳା ପ୍ରିଂଟିଙ୍ଗ, ଧାତୁ ଓ ଜାଠଖିଜ ଯାଏ ଅର୍ଥାତ୍ ଉଭୟ ଚାରୁ ଓ ଜାରୁ ଜଳାରେ ଏହା ବ୍ୟବହୃତ ହୋଇ ଅଧିକ ଆକର୍ଷଣୀୟ ଓ ତ୍ରୁଟିହୀନ ହେବାକୁ ଚେଷ୍ଟା ଚାଲିଛି। ଏବେ ଭାଷାଗତ ବିଷୟରେ ଜମ୍ପ୍ୟୁଟର ଓ ତହିଁରେ କୃତ୍ରିମ ବୌଦ୍ଧିକତାର ପ୍ରୟୋଗ କେତ ପ୍ରଶ୍ନ ଉଠୁଛି। ଭାଷା କଥା ଆସିଲେ ପ୍ରଥମେ ଆସେ ତାହାରି ଶବ ସମ୍ପଦ ଓ ଅଭିଧାନ କଥା। ପୃଥିବୀର ପ୍ରାୟ ସବୁ ଉନ୍ନତ ଭାଷାର ଶବ୍ଦକୋଷକୁ ପ୍ରଯୁକ୍ତି ବିଜ୍ଞାନ ଠୁଳ କରିବା ସହିତ ବ୍ୟବହାର ଉପଯୋଗୀ କରିସାରିଲାଣି। ଅନୁବାଦ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଭାଷାର ଶବ୍ଦଗୁଡ଼ିକୁ ଅନ୍ୟ ଏକ ଭିନ୍ନ ଭାଷାକୁ ଭାଷାନ୍ତର କରିବା ପ୍ରକ୍ରିୟାକୁ ସହଜ କରିଦେଇଛି ଏଇ ପ୍ରଯୁକ୍ତି ବିଜ୍ଞାନ। ସାରା ବିଶ୍ୱରେ ପ୍ରତିଦିନ ମୁହଣ୍ଡ ଗଣମାଧ୍ୟମ ଓ ବିଭିନ୍ନ୍ୟୁତିକ ସମ୍ପାଦାୟମାନେ ଜର୍ମଚାରୀମାନେ ସବୁଠୁ ବେଶି ଅନୁବାଦ କରିଥାଆନ୍ତି। ଖବରକାଗଜର ପ୍ରଥମ ପୃଷ୍ଠା, ଜାତୀୟ ସ୍ତରର ହେଉ କି ଅନ୍ତର୍ଜାତୀୟ ସ୍ତରର, ତାହା ସହିତ ପୁଣି ଖେଳ ଓ ମନୋରଞ୍ଜନ ପୃଷ୍ଠାର ପାଠ ପ୍ରସ୍ତୁତି ଅନୁବାଦ ବିନା ଅସମ୍ଭବ। ସେହି ସମସ୍ତ ସାମ୍ବାଦିକ ବା ରିପୋର୍ଟର ହେଉଛନ୍ତି ବିଶ୍ୱର ସବୁଠୁ ଜର୍ମଠ ଓ ବ୍ୟସ୍ତ ଅନୁବାଦକ, ନୁହେଁ କି ? ସେହିସବୁ ଅନୁବାଦରେ ଆମେ ବ୍ୟତିକ୍ରମ ଦେଖୁଛନ୍ତି କି ? ତହିରେ ଯଦି କିଛି ଭାଷାଗତ ବ୍ୟତିକ୍ରମ ଦେଖୁଛନ୍ତି ତାହା ହେଉଛି ସମ୍ପୃକ୍ତ ବ୍ୟକ୍ତିଙ୍କର ଅନୁବିତ ଭାଷାରେ ଦୁର୍ବଳତା ସହିତ ବିଷୟବସ୍ତୁ ଉପରେ ସବିଶେଷ ଜ୍ଞାନର ଅଭାବବୋଧ। ଏ ଜାମରେ ଅଭ୍ୟସ୍ତ ବ୍ୟକ୍ତିଙ୍କ ପ୍ରୟୋଗ-କୌଶଳ ଏହାକୁ ସହଜରେ ଅତିକ୍ରମ କରିପାରୁଛି। ଏବେ ଆସିବା, ସାହିତ୍ୟ ବା ଶବ-ସୃଜନ-ଜଳାକୃତିର ଅନୁବାଦ କଥା। ଅନୁବାଦ ଓ ଅନୁସୃଜନ ମଧ୍ୟରେ ପ୍ରାର୍ଥକ୍ୟ ରହିଛି। ଅନୁସୃଜନରେ ଅନୁବାଦକ ସାଧୁତା ଅବଜ୍ଞନ ନ ଜରି, ନିଜ ସୃଜନ ଶକ୍ତିର ବାହାଦୁରି ଦେଖାଇବାକୁ ପ୍ରୟାସ କରିଥାଏ। ମୂଳ ଲେଖକର କୃତିଠାକୁ ଏହା ସୁଖପାଠ୍ୟ ହୋଇପାରେ, ମାତ୍ର ତହିଁରେ ଭିନ୍ନତା ଦେଖାଦେଇଥାଏ। ସନ୍ତତଃ ନୋଇଲେ, ଅନ୍ତର୍ଜାତୀୟ ବୁକର୍ ଓ ଏପରିକି ଜ୍ଞାନପୀଠରେ ଅନୁବାଦକ ବା ଟ୍ରାନ୍ସଲେଟରର ଭୂମିକାକୁ ଶ୍ରେୟ ଦିଆଯାଏ, କିନ୍ତୁ ଅନୁସୃଜକ ବା ଟ୍ରାନ୍ସକ୍ରିଏଟରକୁ ନୁହେଁ। ଉପର ପ୍ରସଜାଁ ଅବତାରଣା ପଛରେ ରହିଛି ମୂଳ ପ୍ରସଜାଁ 'ଏଆଇ' ବା କୃତ୍ରିମ ବୌଦ୍ଧିକତାରରେ ହେଉଥିବା ଅନୁବାଦର କଥା। ଆମେ 'ଏଆଇ'କୁ ନିର୍ଦ୍ଦେଶ ଦେଲେ ସେ ତତ୍‌ଖଣାତ ଆମକୁ ଗୋଟିଏ ଭାଷାରୁ ଆମେ ଚାହୁଁଥିବା ଭାଷାକୁ ଅନୁବାଦ କରି ଦେଇଦେଉଛି। ଏଇ ନିର୍ଦ୍ଦେଶ ଜିପରି ପାଜିତ ହେଉଛି ତାହା ଆମର ବୁଝିବା ଦରକାର। ଯେଉଁ ପ୍ରଯୁକ୍ତି ବିଜ୍ଞାନୀ ବା ବିଜ୍ଞାନୀମାନେ ଯେ ବିଶ୍ୱର ସବୁ ଭାଷା ଜାଣନ୍ତି ତାହା ବି ନୁହେଁ। ମୂଳ ପ୍ରୋଗ୍ରାମ ତିଆରି ଜରାଗଲା ଅନେକ ଗୁଡ଼ିଏ ଭାଷାର ଭାଷାକୋଷର ସହଯୋଗରେ। ସେଥିରେ ଯେଉଁ ବିଜ୍ଞାନୀମାନେ ଜାମ ଜଲେ ବା ଜରୁଛନ୍ତି, ସେମାନଙ୍କର ସୃଜନଶୀଳ ସାହିତ୍ୟ ବିଷୟରେ ଜ୍ଞାନ ରହିଛି। କିନ୍ତୁ ଆମର ପ୍ରତି ଆଦେଶ ପାଜନ ଜଲାବେଳେ ସେମାନେ ସେହି କ୍ରିଏଟିଭ ପ୍ରୋଗ୍ରାମ ସାହାଯ୍ୟରେ ଆମକୁ ଅନୁବାଦରେ ଦେଉଛନ୍ତି। ଏହା ଯେ ସମ୍ପୂର୍ଣ୍ଣ ଅବରାଜୀ, ତାହା ନୁହେଁ। ଏହା ଯେ ସବୁବେଳେ ଛାଂପିଟୀ ଉତର ଦେବ, ତାହା ବି ନୁହେଁ। ପ୍ରତି ମୁହୂର୍ତ୍ତରେ ଏହି ପ୍ରସଜାଁରେ ଜାମ ଚାଲୁ ରହିଛି। ଆମେ ଯଦି ଯାନ୍ତ୍ରିକ ହେବାକୁ ଚାହୁଁ, ତା'ହେଲେ ଆମକୁ ଦିନକୁ ଦିନ ନିର୍ଜଜଣୀକ ହୋଇଯିବାକୁ ପଡ଼ିବ। ତେବେ ଏହା ହେଉ ଆମର ଜମ୍ ସମୟରେ ଓ ସହଜରେ ଜାମ ହାସଲ ଜରିନେବା ଦିଗରେ ଲୋଭନୀୟ ହୋଇଥିଲେ ହେଁ ଏଥିରେ କ୍ଷତି ବି ରହିଛି। ସାହିତ୍ୟରେ ପ୍ରତି ଲେଖକର ଚିନ୍ତନ, ସମ୍ବେଦନଶୀଳତା, ଆବେଗପ୍ରବଣତା ଓ ଭାଷା ପ୍ରୟୋଗ ଭିନ୍ନ ଭିନ୍ନ। ତେଣୁ ପ୍ରତି ଲେଖକ ସ୍ୱତନ୍ତ୍ର। ତାହା ପ୍ରଯୁକ୍ତିବିଦ୍ୟାର ଗୋଟିଏ ବା ଅଳ୍ପ କେତୋଟି ପ୍ରୋଗ୍ରାମ ବା ଯୋଜନାରେ ସମ୍ଭବପର ହୋଇ ପାରିନାହିଁ। ଅବଶ୍ୟ ଏ ଦିଗରେ ପାଶ୍ଚାତ୍ୟ ଦେଶଗୁଡ଼ିକର ବିଭିନ୍ନ ବିଶ୍ୱବିଦ୍ୟାଳୟର ସର୍ଜନାତ୍ମକ ସାହିତ୍ୟ ବିଭାଗ ଜାମ କରି ଚାଲିଛନ୍ତି। ସାହିତ୍ୟ ରଚନାରେ କୌଣସି ଭାଷାର ଲେଖକ ତାହାରି ଅଂଚଳର ଲୋକ ଚରିତ୍ର, ସ୍ଥାନ ଓ ଜାକଖଣ୍ଡ ଉପରେ ତାହାରି ନିଜସ୍ୱ ଜାକ୍ତନିକ ବା ବାସ୍ତବ ଜଥାଜକ୍ତିପେଁ ତିଆରି କରି ତହିଁରେ ଚରିତ୍ରମାନଙ୍କର ଆପଜା ଜରେ ଓ ଆବେଗର ସହିତ କଥା ଜୁହାଏ। ଏଇଠି ଭିନ୍ନ ସଂସ୍କୃତି ଓ ପରିବେଶ ପ୍ରସଜାଁ ଆସିଥାଏ। ଏଆଇ ପ୍ରଯୁକ୍ତ ବରୁଥିବା ପ୍ରଯୁକ୍ତି ବିଜ୍ଞାନୀ ବା ବିଜ୍ଞାନୀଗଣ ଏତେ ଏତେ ପ୍ରସଜାଁକୁ ଏକତ୍ର କରିବା ଆବୌ ସହଜ ନୁହେଁ। ତେଣୁ ତାହାର ଫଳାପଳ ସେତେ ସୁହଣାୟର ହୋଇ ପାରିନାହିଁ। କିନ୍ତୁ ଗଦ୍ୟ ରଚନାର ଅନୁବାଦରେ ଏହା ଜିଛିଟା ସକ୍ଷମ ହୋଇପାରିଛି। ତାହା ହୋଇପାରିଛି ବୋଲି ଆବଶ୍ୟକତାର ଆଲୋଚନା ଭିତରକୁ ଆସିଛି। ଆମକୁ ଧରି ନେବାକୁ ପଡ଼ିବ ଯେ ପ୍ରଯୁକ୍ତିବିଦ୍ୟାର ଏହି ବରାଗତି ସମ୍ପୂର୍ଣ୍ଣ ସୁହଣାୟ ହୋଇ ନାହିଁ ବୋ ନୁହେଁ। ଏହା ସମ୍ପୂର୍ଣ୍ଣ ଯାନ୍ତ୍ରିକ ବି ନୁହେଁ। ଅଳ୍ପ କେତେ ଜଣ ବିଜ୍ଞାନୀ ବହୁ ହିତାଧିକାରୀଙ୍କ ସେବାରେ ନିୟୋଜିତ ଅଛନ୍ତି। ଏହା ସମ୍ପୂର୍ଣ୍ଣ ଲାଭ ନିମନ୍ତେ ସହଯୋଗୀ କିନ୍ତୁ ପ୍ରତିଯୋଗୀ ନୁହେଁ। ଗତ କେତେ ବର୍ଷ ହେଲା, ଏଆଇ ଅନୁବାଦକକୁ କପିରାଇଟ ବା ସ୍ୱତ୍ୱ ପ୍ରଦାନ କଥା ଉଠିଲାଣି। କିନ୍ତୁ ତାହା ଏଯାଏ ହୋଇପାରୁନାହିଁ। ଏତିକିରୁ ଆମକୁ ଧରି ନେବାକୁ ପଡ଼ିବ ଯେ କୃତ୍ରିମ ବୌଦ୍ଧିକତା ଏଯାଏ ମାନବୀୟ ବା ବୌଦ୍ଧିକତାର ପ୍ରତିଦ୍ୱନ୍ଦ୍ୱୀ ବା ପରିପୂରକ ହୋଇପାରିନାହିଁ।

ଶ୍ରୀମନ୍ଦିରରେ ହରିହର ବେଶ ଓ ପଟ୍ଟଂକ
ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମହାଜାର୍ତ୍ତିକର ପଟ୍ଟଂକ ବ୍ରତ ଆରମ୍ଭ ହୋଇଯାଇଛି। ଜାର୍ତ୍ତିକ ମାସ ଆମ ଓଡ଼ିଆ ଆଧ୍ୟାତ୍ମିକ ଭାବନାରେ ଧର୍ମ ମାସ ଭାବରେ ପରିଚିତ। ଆମ ମହାନ ଂଂସ୍କୃତିରେ ଚାରୋଟି ମାସକୁ ପବିତ୍ର ତମ ମାସ ଭାବରେ ଶାସ୍ତ୍ର ଉଲ୍ଲେଖ କରିଛି ଏହି ମାସ ଗୁଡ଼ିକ ହେଉଛି ଆଷାଢ଼, ମାଘ, ଜାର୍ତ୍ତିକ ଓ ବୈଶାଖ । ଏ ସବୁ ଭିତରେ ପୁଣ୍ୟ ମାସ ହେଉଛି ଜାର୍ତ୍ତିକ। ଆମ ଆବହମାନ ଂଂସ୍କୃତି ଏହି ଉଦଘୋଷଣାକୁ ଆମ ମାନଙ୍କୁ ମନେ ପକାଇର ଦିଏ - 'ସତ୍ୟ ଯୁଗ ପରି ଯୁଗ ନାହିଁ, ଗଙ୍ଗା ପରି ତୀର୍ଥ ନାହିଁ କି ଜାର୍ତ୍ତିକ ପରି ମାସ ନାହିଁ।' ଜାର୍ତ୍ତିକ ଶୁକ୍ଲ ଏକାଦଶୀ ଠାରୁ ଜାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଟ୍ଟଂକ ବେଶ ଅନୁଷ୍ଠିତ ହୋଇଥାଏ। ପୁରୀ ଶ୍ରୀମନ୍ଦିରରେ ହରି ଉତ୍‌ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବା ସହିତ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୁଏ। ପରବର୍ତ୍ତୀ ଦିନରେ ଦ୍ୱାଦଶୀରେ ଦ୍ୱାଦଶୀପହାରେ ବେଶ, ଆଡ଼ଜିଆ ତଥା ତ୍ରିବିକ୍ରମ ବେଶ, ଡାଇଁଜିଆ ତଥା ଲକ୍ଷ୍ମୀନୃସିଂହବେଶ ଏବଂ ସବାଶେଷରେ ଆସନ୍ତା ତାରି ତାରିଖ ଶନିବାର ଦିନ ପୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ପଟ୍ଟଂକ ପୂର୍ବ ଦିନ ଜବୁଜିଂହାସନରେ ବଡ଼ଠାକୁର ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ବଡ଼ ଠାକୁରଙ୍କ ଏହି ଦିବ୍ୟ ଦୁର୍ଲଭ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ। ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶ ଏବଂ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ବଡ଼ ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଇଥିବାବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରସ୍ଫୁଟିତ ହୁଏ। ଆମ ଓଡ଼ିଆରେ 'ଜାର୍ତ୍ତିକ ମାହାତ୍ମ୍ୟ ଲେଖିଛନ୍ତି ମହାଦେବ ଦାସ ଏହା ବ୍ୟାସଦେବଙ୍କ ଦ୍ୱାରା ଂସ୍କନ୍ଦପୁରାଣ ଭିତରେ ଲେଖାଯାଇଥିବା 'ପଦ୍ମପୁରାଣ'କୁ ଆଧାର କରିଛି। ଶାସ୍ତ୍ରରେ ମଧ୍ୟ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ମିଳିଛି। ଏହି ବେଶରେ ଠାକୁର ଅର୍ଦ୍ଧେକ ଜଳା ଓ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥାନ୍ତି। ବଡ଼ ଠାକୁର ବଡିଶା ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ସୂତନା ଥାଉକି ଜାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଲ ଦ୍ୱାଦଶୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହି ଦିନ ବଡ଼ ଠାକୁରଙ୍କ ବାଡ଼ରେ





ଦୀପାବଳି ଅବସରରେ 'ଶ୍ରୀ ରାମ ଅଯୋଧ୍ୟା ଫିରୁଛନ୍' ନାଟକ ମଚସ୍ଥ



ସମ୍ବଲପୁର,୭/୧୧(ନି/ପ୍ର):ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାଠାରେ ଗୁରୁବାର ଦିନିକିଆ ସମ୍ବଲପୁରୀ ରାମଲୀଳା ନାଟକ ଆୟୋଜିତ ହୋଇଯାଇଛି। ସମ୍ବଲପୁରୀ ରାମଲୀଳା କମିଟି ଆନୁକୂଲ୍ୟରେ ଏବଂ ପଣ୍ଡିମାଟଂଚ ଏକତା ମଟର ସହଯୋଗରେ ଆୟୋଜିତ ଏହି ନାଟକରେ ରାମାୟଣର ଲଙ୍କାକାଣ୍ଡ ଓ ଉତରାକାଣ୍ଡର ବିଷୟବସ୍ତୁ ପ୍ରଦର୍ଶିତ ହୋଇଥିଲା। ଦୀପାବଳି ଅବସରରେ 'ଶ୍ରୀ ରାମ ଅଯୋଧ୍ୟା ଫିରୁଛନ୍' ନାମକ ନାଟକ ମଚସ୍ଥ ହୋଇଥିଲା। ଅପରାହ୍ନ ୫ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବଲପୁରୀ ରାମଲୀଳା ନାଟକ ଆରମ୍ଭ ହୋଇଥିଲା। ନାଟକର ଚରଣ ଓ ନିର୍ଦ୍ଦେଶନା ଦେଇଥିଲେ ବବଲୁ ତାରା। ରାମ ଭୂମିକାରେ ଏଲ୍.ଏନ୍. ପୁଜାରୀ, ସୀତା ଭୂମିକାରେ ଶ୍ୱେତା ପଣ୍ଡା, ରାବଣ ଭୂମିକାରେ ଶୁଭେନ୍ଦୁ ନନ୍ଦ ଏବଂ ହନୁମାନ ଭୂମିକାରେ ଗୁରୁ ପାତ୍ରୀ ଅଭିନୟ କରିଥିଲେ। ଏଥିସହ ପ୍ରାୟ ୩୦ ଜଣ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

ସମ୍ବଲପୁରୀ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଦ୍ୱିତୀୟ ଥର ପାଇଁ ଏହି ରାମଲୀଳା ନାଟକ ଆୟୋଜନ କରାଯାଇଥିଲା। କମିଟିର ସଭାପତି ଦଣ୍ଡରୁ ମେହେରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଅତିଥି ଯୋଗଦେଇଥିଲେ। ଏହି ଅବସରରେ ରବି ରତ୍ନ ବାଗ, ମୀନାକ୍ଷୀ ରାଉତ, ଲିପ୍ସା ରାନୀ ଓଝା, ପପୁନ କୁମାର ଓ ସାହିଲ ବେହେରା ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ନଟରାଜ କଳାଚରାଲ ଗ୍ରୁପ, ଓମ୍ କଳାଚରାଲ ଏକାଡେମୀ, ପଟମ ଧ୍ୱନି ଏବଂ ଏମ୍.ଜେ. ଡାନ୍ସ ଷ୍ଟୁଡିଓ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସନାତନ ଧର୍ମର ପ୍ରଚାର ପ୍ରସାର ସହ ସମ୍ବଲପୁରୀ ଭାଷାର ପ୍ରଚାର ଓ ପ୍ରସାର ଏହିନାଟକ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲିକମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ଭବାନୀଶ ଭୋଇ, ମାନସ ରଞ୍ଜନ ବକ୍ସି ଓ ସୁବୋଧ କୁମାର ଦୋରାଙ୍କ ସମେତ ସମ୍ମାନକ ରାହୁଲ ଗୁପ୍ତା, ସାଂସ୍କୃତିକ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗର୍ଡିଆ, ଲୋଷାଧକ୍ଷ ରାକେଶ ସ୍ୱାଇଁ, ଉପସଭାପତି ପ୍ରସିତ ପଣ୍ଡା, ହିମାଂଶୁ ସାହୁ ଓ ଅନମୋଜ ଦାସଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଯୁବ ନେତୃତ୍ୱକୁ ଗୁରୁତ୍ୱ

ସମ୍ବଲପୁର,୭/୧୧(ନି/ପ୍ର): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ମେରା ଯୁବ ଭାରତ, ସମ୍ବଲପୁର ପକ୍ଷରୁ ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଓ ଯୁବ ସଂସଦ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ଯୁବ ସଂସଦରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜି.ଏମ୍. ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବୈମକେଶ ତ୍ରିପାଠୀ, ଏଡିଏମ୍ (ଜେନେରାଲ୍) ଅଶୋକ କୁମାର ଭୋଇ, ସମାଜସେବୀ ସୁଧୀର ବହିବାର, ଅତୁଲ କୁମାର ପ୍ରଧାନ ଏବଂ ସମ୍ବଲପୁର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମଂତାସୀନ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ଚେତନା, ନେତୃତ୍ୱ ଦକ୍ଷତା, ତର୍କ ଓ ଯୁକ୍ତି ଉପସ୍ଥାପନ କ୍ଷମତା ଏବଂ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୁବ ସଂସଦ ଭଳି ମଂଚ ଯୁବପିଢ଼ିଙ୍କୁ ନିଜର ମତାମତ ପ୍ରକାଶ କରିବା ସହ ଦେଶର ବିକାଶମୂଳକ ଆଲୋଚନାରେ ସାମିଲ ହେବାକୁ ସୁଯୋଗ ପ୍ରଦାନ କରିଥାଏ ବୋଲି ଯୁବ ସଂସଦର ବିଚାରକ ମଣ୍ଡଳୀରେ ଡ. ରତ୍ନମଣି ନାଏକ, ଡ. ଶୋଭାମୟୀ ମହାପାତ୍ର, ଜ୍ଞାନରଞ୍ଜନ ସାହୁ, ଡ. ବବିତା ମହାନନ୍ଦିଆ ଏବଂ କୁମକୁମ ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ପ୍ରତିଯୋଗୀ ମାନଙ୍କର ଯୁକ୍ତି, ଉପସ୍ଥାପନା, ବିଷୟବସ୍ତୁ ଉପରେ ଜ୍ଞାନ ଓ ଆତ୍ମବିଶ୍ୱାସର ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ ଦ୍ୱିତୀୟୀ ଯାଦବ ପ୍ରଥମ ସ୍ଥାନ, ଜ୍ୟୋତିର୍ମୟୀ ପ୍ରଧାନ ଦ୍ୱିତୀୟ ସ୍ଥାନ ଏବଂ ତନୁଜାତ ଶର୍ମା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଯୁବ ନେତୃତ୍ୱ ଓ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଭୂମିକା ନେବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁରର ଯୁବ ଆଇକନ୍ ଅର୍ପିତା ବେହେରା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବ ସ୍ୱେଚ୍ଛାସେବୀ ଏବଂ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ରହି ଆୟୋଜିତ ଯୁବ ସଂସଦ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ନେତୃତ୍ୱ ଓ ଦେଶ ଗଠନ ପ୍ରତିଦାୟିତ୍ୱବୋଧ ବୃଦ୍ଧି କରିବାରେ ଏକ ଉଲ୍ଲେଖନୀୟ ପ୍ରୟାସ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ମିତବ୍ୟୟିତା, ସଞ୍ଚୟ, ସତର୍କତା ଓ ସଚେତନତା ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା



ସମ୍ବଲପୁର,୭/୧୧(ନି/ପ୍ର): ସମ୍ବଲପୁର ଜିଲ୍ଲା ସଂସ୍ଥ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଦପତ୍ତିନୀ ପ୍ରେକ୍ଷାଳୟଠାରେ ମିତବ୍ୟୟିତା, ସଞ୍ଚୟ, ସତର୍କତା ଓ ସଚେତନତା ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବାର ସହନିର୍ଦ୍ଦେଶକ ନୀଳାଚଂଚଳ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମ୍ବଲପୁରର ବିଭିନ୍ନ ଉଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରାରମ୍ଭିକ ସୂଚନା ଦେଇ ଶ୍ରୀ ସେଠୀ କହିଥିଲେ ଯେ, ଆଜିର ଜୀବନରେ ସଂଚୟର ଅନେକ ଆବଶ୍ୟକତା ରହିଛି। ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସଂଚୟ ଏକ ଉତମ ମାଧ୍ୟମ। ତେଣୁ ମିତବ୍ୟୟିତାକୁ ସୁପରିଚାଳନା କରିବା ସହ ସଂଚୟ ପ୍ରତି ଧ୍ୟାନ ଦେବା ଉଚିତ। ଏଥିସହ ଆଜିର ଦିନରେ ସାଇବର ଠକେଇର ବ୍ୟାପକତା ବଢୁଥିବାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନ ଓ ଯତ୍ନବାନ ହେବା ଜରୁରୀ ବୋଲି ସେ କହିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଡ଼ିଲୋଚନ ତ୍ରିପାଠୀ, ଶଙ୍କର ବେହେରା ଓ ସୂର୍ଯ୍ୟ ପାଣିଗ୍ରାହୀ ଯୋଗଦେଇଥିଲେ। ସେମାନେ ଜୀବନଶୈଳୀକୁ ଶୃଙ୍ଖଳିତ କରିବା ସହ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ପାଇଁ ସଂଚୟ ପ୍ରତି ଆଗ୍ରହୀ ହେବା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ସେଟ୍ ଜୋସେଫ ଜନଭେଟ୍ ସ୍କୁଲର ଆର୍ଯ୍ୟମେଶ ପାଣିଗ୍ରାହୀ ପ୍ରଥମ, ସରକାରୀ ବାଳିକା ବିଦ୍ୟାଳୟ, ବାଲିବନ୍ଧର ସୋଫିଆ ମଲ୍ଲିକ ଦ୍ୱିତୀୟ ଏବଂ ଶ୍ରୀ ଗଣେଶ ସରକାରୀ ଉଚ ବିଦ୍ୟାଳୟ, ଧନୁପାଲିର ଜୋୟା ଖାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଗାମୀ ଦିନରେ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଆର୍ଥିକ ସଚେତନତା କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସହନିର୍ଦ୍ଦେଶକ ଶ୍ରୀ ସେଠୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିତୀତ କୁମାର ପ୍ରଧାନ ସହଯୋଗ କରିଥିଲେ।

କିର୍ମିରା ବ୍ଲକରେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ



ଝାରସୁଗୁଡ଼ା,୭/୧୧(ନି/ପ୍ର): ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିର୍ମିରା ବ୍ଲକରେ ବିକାଶମୂଳକ କାର୍ଯ୍ୟକୁ ନୂଆ ଗତି ଦେବା ଲକ୍ଷ୍ୟରେ ୧୪ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଗୁରୁବାର ଝାରସୁଗୁଡ଼ା ବିଧାୟକ ତଙ୍କଧର ତ୍ରିପାଠୀ ଏହି ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ଏଥିପାଇଁ ମୋଟ ୨୦ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏଥିରେ ରାସ୍ତା ନିର୍ମାଣ ଓ ଉନ୍ନତିକରଣ ପାଇଁ ୧୫ କୋଟି ଟଙ୍କା, ଗୋଟିଏ ସେତୁ ନିର୍ମାଣ ପାଇଁ ୩ କୋଟି ୬୬ ଲକ୍ଷ ଟଙ୍କା ଏବଂ ବିଜେଡିଓ ଯୋଜନାରେ ବିଭିନ୍ନ କମ୍ୟୁନିଟି ସେଂଟର ଓ ଭାଗବତ ତୁଙ୍ଗି ନିର୍ମାଣ ପାଇଁ ୪୫ ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି। ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ବ୍ଲକର ବିଭିନ୍ନ ପଂଚାୟତ ଗସ୍ତ କରି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଭୀମଜୋର ପଂଚାୟତର ଭୀମଜୋର-ବୁଢ଼ାପଡ଼ା ଆରଡି ରାସ୍ତା ଏବଂ ପିଡବ୍ଲ୍ୟୁଡି ରାସ୍ତାରୁ ସୁନାପଡ଼ାକୁ ସଂଯୋଗ କରୁଥିବା ରାସ୍ତାର ଶିଳାନ୍ୟାସ କରିଥିଲେ। ସେହିପରି ସୁଲାହି ପଂଚାୟତର ସୁଲାହି ଗ୍ରାମରେ ବିଜେଡିଓ ଯୋଜନାରେ କମ୍ୟୁନିଟି ସେଂଟର ଏବଂ ଡେଙ୍କୁରଜୋର-ମୁଣ୍ଡାପଡ଼ା ପିଡବ୍ଲ୍ୟୁଡି ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ଅର୍ଦ୍ଧା ପଂଚାୟତର ନିର୍ଜୁଣପଡ଼ାଠାରେ ପିଡବ୍ଲ୍ୟୁଡି ରାସ୍ତାରୁ କୁଦୁରାକୁଣ୍ଡାଁକୁ ଏଂଯୋଗ କରୁଥିବା ରାସ୍ତା ଏବଂ କଦେଁଇପଡ଼ାରେ ଭାଗବତ ତୁଙ୍ଗି ନିର୍ମାଣ ପାଇଁ ମଧ୍ୟ ଶିଳାନ୍ୟାସ ହୋଇଥିଲା। ଜି. ପାନପାଲି ପଂଚାୟତରେ ଜି. ପାନପାଲି ରେଳ ଫାଟକରୁ ଜଳିପଡ଼ା ପର୍ଯ୍ୟନ୍ତ ଆରଡି ରାସ୍ତା, ନକ୍ସାପାଲି ପଂଚାୟତର ଉଚକାବାହାଲ ଗ୍ରାମରେ ପିଡବ୍ଲ୍ୟୁଡି ରାସ୍ତାରୁ ଅମରବାଣୀପଡ଼ାକୁ ସଂଯୋଗ କରୁଥିବା ରାସ୍ତା ଏବଂ ନକ୍ସାପାଲି ଗ୍ରାମରେ ପିଡବ୍ଲ୍ୟୁଡି ରାସ୍ତାରୁ ସୁନାପଡ଼ା ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ଏହାସହ ଲିମଡିକରା ଗ୍ରାମରେ ଭାଗବତ ତୁଙ୍ଗି ନିର୍ମାଣ ପାଇଁ ମଧ୍ୟ ଶିଳାନ୍ୟାସ ହୋଇଥିଲା। ଏହା ବ୍ୟତୀତ କିର୍ମିରା ପଂଚାୟତରେ କିର୍ମିରା-ଶଙ୍କରାବାହାଲ ଆରଡି ରାସ୍ତା ଏବଂ କିର୍ମିରା ଗ୍ରାମରେ ଭାଗବତ ତୁଙ୍ଗି ନିର୍ମାଣର ଶିଳାନ୍ୟାସ କରାଯାଇଥିଲା। ବନ୍ଧପାଲି ପଂଚାୟତର ପୁଟେଇଡିହି ଓ ଶିଆଳମା ଗ୍ରାମରେ ବିଜେଡିଓ ଯୋଜନାରେ କମ୍ୟୁନିଟି ସେଂଟର ନିର୍ମାଣ କାର୍ଯ୍ୟର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ବିଧାୟକ ତଙ୍କଧର ତ୍ରିପାଠୀ କହିଥିଲେ ଯେ, କିର୍ମିରା ବ୍ଲକବାସୀଙ୍କ ପକ୍ଷରୁ ଏହି ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଆଜି ଏହା ପୂରଣ ହୋଇଛି। ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ଅଂଚଳର ଗମନାଗମନ ବ୍ୟବସ୍ଥାରେ ସୁଧାର ଆସିବା ସହ ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସାମାଜିକ କ୍ଷେତ୍ରର ବିକାଶ ହୋଇପାରିବ। ଏହାବ୍ୟତୀତ ଚାଷୀଙ୍କ ସମେତ ସାଧାରଣ ଜନତା ବିଶେଷ ଭାବେ ଉପକୃତ ହେବେ। ଜନସାଧାରଣଙ୍କ ସେବା ଓ ଅଂଚଳର ବିକାଶ ପାଇଁ ଆଗାମୀ ଦିନରେ ମଧ୍ୟ ଏହି ପ୍ରୟାସ ଜାରି ରହିବ ବୋଲି ସେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଆଶିଷ ଲାକ୍ରା, କିର୍ମିରା ବିଡିଓ ଅଭିନାଶ ଲାକ୍ରା, କିର୍ମିରା ବିଜେପି ମଣ୍ଡଳ ସଭାପତି ଉଦ୍ଧବ ଙ୍ଗି ନାଏକ, ବିଜୟ ଶର୍ମା, ବାଦୁଲାଇ ବିସୋନ, ଝରକେଳନ ପ୍ରଧାନ, ଯାମିନୀକାନ୍ତ ନାୟକ, ପବନ ଶର୍ମା, ଶୁଭମ ସାହୁ, ସଧୀପ ପତେଲ, ମୋହନ ନାୟକ, ଭୀମଜୋର ସରପଂଚ ମନ ବାଗ, ବିକାଶ ଶର୍ମା, ବୁଦ୍ଧ ଜଘାଧ୍ୟକ୍ଷା ସାବିତ୍ରୀ ମାଝୀ, ପ୍ରବୀପ ବିସୋନ, ପ୍ରକାଶ ଜୟପୁରିଆ, ବଣରାଜ ନାୟକ, ହେମନ୍ତ ଜାମୁଜିଆ, କିର୍ମିରା ସରପଂଚ ସତ୍ୟେଷୀନୀ ପଟେଲ, ଗିରିଧାରୀ ପାତ୍ର ଓ ଗାରୁ ପାତ୍ରଙ୍କ ସମେତ ବହୁ ସରକାରୀ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

ଦୁଇ ଥର ଉଦ୍ଘାଟନ ସତ୍ୱେ କାର୍ଯ୍ୟକ୍ଷମ ହେଉନି ବେଲପାହାଡ଼ ଅଟଳ ବସଷ୍ଟାଣ୍ଡ:

୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ପରେ ବି ଅଧପନ୍ତରିଆ କାମ, ବସ୍ ସେବା ଆରମ୍ଭକୁ ଅପେକ୍ଷା

ଝାରସୁଗୁଡ଼ା, ୭/୧୧(ନି/ପ୍ର): ବହୁ ପ୍ରତୀକ୍ଷିତ ବେଲପାହାଡ଼ ଅଟଳ ବସଷ୍ଟାଣ୍ଡ ଏବେ ଅଂଚଳବାସୀଙ୍କ ପାଇଁ ଅଲୋଡ଼ା ହୋଇ ପଡ଼ିଛି। ଦୁଇ ଦୁଇ ଥର ଉଦ୍ଘାଟନ ହୋଇଥିଲେ ମଧ୍ୟ ଏଯାଏଁ ଏଠାରୁ ବସ୍ ଚଳାଚଳ ଆରମ୍ଭ ହୋଇପାରିନାହିଁ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବାରୁ ବସଷ୍ଟାଣ୍ଡ ଜେବେ କାର୍ଯ୍ୟକ୍ଷମ ହେବ, ତାହାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ନବନିର୍ମିତ ଅଟଳ ବସଷ୍ଟାଣ୍ଡକୁ ପ୍ରଥମେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭର୍ଚୁଆଲ୍ ମାଧ୍ୟମରେ ଉଦ୍ଘାଟନ କରାଯାଇଥିଲା। ପରେ ଗତ ଅକ୍ଟୋବର ୧୬ ତାରିଖରେ ପରିବହନ ମନ୍ତ୍ରୀ ବିଭୂତି ଜେନା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଝାରସୁଗୁଡ଼ା ବିଧାୟକ ତଙ୍କଧର ତ୍ରିପାଠୀଙ୍କ ଦ୍ୱାରା ଏହାର ପୁନର୍ବାର ଉଦ୍ଘାଟନ କରାଯାଇଥିଲା। ଦ୍ୱିତୀୟ ଉଦ୍ଘାଟନର ଦୁଇ ସପ୍ତାହରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ବସ୍ ଚଳାଚଳ ଆରମ୍ଭ ନହେବା ଅଂଚଳବାସୀଙ୍କୁ ନିରାଶ କରିଛି। ବସଷ୍ଟାଣ୍ଡ ପରିସରରେ ଏବେ ମଧ୍ୟ ବାଇ, ଗୋଡ଼ି ଓ ଲୁହାଛଡ଼ ଭଳି ବିଭିନ୍ନ ନିର୍ମାଣ ସାମଗ୍ରୀ ପଡ଼ିରହିଛି। ପାଣି ପାଇପ୍ ସଂଯୋଗ ଓ ପାଣି ଟାଙ୍କି ସ୍ଥାପନ କାର୍ଯ୍ୟ ଅଧାପନ୍ତରିଆ ରହିଥିବା ବେଳେ ବସ୍ ସର୍ଭିସିଂ ସ୍ଥାନରେ ଆବଶ୍ୟକ ଛାଉଣୀ ମଧ୍ୟ ଜସାଯାଇନାହିଁ। ଏପରିକି ବସଷ୍ଟାଣ୍ଡକୁ ବିଦ୍ୟୁତ୍ ଏଂଯୋଗ ମଧ୍ୟ ବିଆଯାଇନାହିଁ। ଏଭଳି ଅବ୍ୟବସ୍ଥା ଯୋଗୁଁ ପ୍ରାୟ ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ବସଷ୍ଟାଣ୍ଡର କାର୍ଯ୍ୟର ଗୁଣବତ୍ତା ଓ ନିର୍ମାଣର ମାନକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ବସଷ୍ଟାଣ୍ଡ ନିର୍ମାଣ ପାଇଁ ଧାର୍ଯ୍ୟ ସମୟସୀମା ଶେଷ ହେବାର ପ୍ରାୟ ଏକ ବର୍ଷ ବିତିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ସମ୍ପୃକ୍ତ ଯନ୍ତ୍ରୀ ନିୟମିତ ଭାବେ କାର୍ଯ୍ୟସ୍ଥଳକୁ ଆସି ଦରାଉଥିବା ନେଇ ମଧ୍ୟ ଅଂଚଳବାସୀ ଦାବି କରିଛନ୍ତି। ବେଲପାହାଡ଼ବାସୀ ଅଭିଯୋଗ କରିଛନ୍ତି। ନିର୍ମାଣ ସମୟରେ ନିୟମିତ ଯାଚ୍ ଓ ତଦାରଖ ଜରାଯାଇଥିଲେ ଏଭଳି ସ୍ଥିତି ଉପୁଜିନଥାନ୍ତା ବୋଲି ସେମାନେ ମତ ଦେଇଛନ୍ତି। ବସଷ୍ଟାଣ୍ଡ ନିର୍ମାଣରେ ନିୟୋଜିତ ଠିକାଦଂସ୍ଥାର କାର୍ଯ୍ୟଦକ୍ଷତା ଏବଂ ନିର୍ମାଣର ଗୁଣବତ୍ତା ଉପରେ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଏବେ ଅର୍ଥ ବ୍ୟୟରେ ନିର୍ମିତ ବସଷ୍ଟାଣ୍ଡ ଉଦ୍ଘାଟନ ପରେ ମଧ୍ୟ ଲୋକଙ୍କ ଜାମରେ ନଲାଗିବା ପରିପ୍ରେକ୍ଷୀରେ ଏହା ଜନସାଧାରଣଙ୍କ ପାଇଁ ଅସୁବିଧାର କାରଣ ହୋଇପଡ଼ିଛି। ତେଣୁ ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି ବସ୍ ଚଳାଚଳ ଆରମ୍ଭ କରିବା ସହ ନିର୍ମାଣର ଗୁଣବତ୍ତା ଯାଂଚ୍ କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

ଚେକ୍ ଡ୍ୟାମ୍ ନିର୍ମାଣ ଦାବିରେ ଜିଲ୍ଲାପାଳଙ୍କୁ ଭେଟିଲେ ଜିଲ୍ଲା ପରିଷଦ ଉପସଭାପତି

ସମ୍ବଲପୁର,୭/୧୧(ନି/ପ୍ର): ଚାଷୀଙ୍କ ଜଳସେଚନ ସମସ୍ୟାର ସମାଧାନ ଏବଂ କୃଷି କ୍ଷେତ୍ରରେ ଜଳର ଉପଲବ୍ଧତା ବୃଦ୍ଧି ଲକ୍ଷ୍ୟରେ ଝୁଟୋମୁରା ଓ ମାନେଶ୍ୱର ଝୁଟ୍ଟର ବିଭିନ୍ନ ନାଳାରେ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ଦାବି ହୋଇଛି। ଏହି ଦାବି ନେଇ ସମ୍ବଲପୁର ଜିଲ୍ଲା ପରିଷଦ ଉପସଭାପତି ମାଧବ ମିର୍ଜା ଜିଲ୍ଲାପାଳ ବଳରାମ ହୋତରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଝୁଟୋମୁରା ଓ ମାନେଶ୍ୱର ଝୁଟ୍ଟ ?ର ଅନେକ ଚାଷୀ ଚାଷ କାର୍ଯ୍ୟ ପାଇଁ ଜଳ ଉପରେ ନିର୍ଭରଶୀଳ। ବିଶେଷକରି ଧାନ ଚାଷ ଓ ଅମଳ ସମୟରେ ଜଳସେଚନର ଆବଶ୍ୟକତା ଅଧିକ ରହୁଥିବାରୁ ସ୍ଥ



ଆଇଆଇଟି (ଆଇଏସଏମ୍) ଧାନବାଦରେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟାର ଅନୁଭୂତି ନେଲେ ଏସଏସଆରଭିଏମ୍ ଉଚ୍ଚାଟ ସ୍କୁଲର ଛାତ୍ରଛାତ୍ରୀ

ରାଉରକେଲା,୭/୧୧(ନି/ପୁ): ଏସଏସଆରଭିଏମ୍ ଉଚ୍ଚାଟ ଇଂଲିଶ ମିଡିୟମ ସ୍କୁଲ, ସେକ୍ଟର-୨୦ ଏବଂ ଏସଏସଆରଭିଏମ୍ ଉଚ୍ଚାଟ ବିଦ୍ୟା ମନ୍ଦିର, ସେକ୍ଟର-୧୯, ରାଉରକେଲାର ୨୦ ଜଣ ଛାତ୍ରଛାତ୍ରୀ ଗତ ଅକ୍ଟୋବର ୨୭ ତାରିଖରେ ଦେଶର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଇଣ୍ଡିଆନ ସ୍କୁଲ ଅଫ୍ ମାଇନ୍ସ), ଧାନବାଦ ପରିଦର୍ଶନ କରିଥିଲେ। ଏହି ଶିକ୍ଷଣୀୟ ଭ୍ରମଣ ଛାତ୍ରଛାତ୍ରୀମାନଙ୍କ ପାଇଁ କେବଳ ଏକ ବ୍ୟାୱାସ ପରିବର୍ତ୍ତନ ନଥିଲା, ବରଂ ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ନବସୃଜନ ଜଗତକୁ ପ୍ରତ୍ୟକ୍ଷ ଭାବେ ଦେଖିବାର ଏକ ମୂଲ୍ୟବାନ ସୁଯୋଗ ଥିଲା। ଶ୍ରେଣୀଗୃହରେ ପଢ଼ାଯାଉଥିବା ବହି ଜ୍ଞାନ କିପରି ବାସ୍ତବ ଜୀବନରେ ବ୍ୟବହାର ହୁଏ, ତାହା ସେମାନେ ଏହି ଭ୍ରମଣରେ ନିଜ ଆଖିରେ ଦେଖିବାକୁ ପାଇଥିଲେ। ଏହି ଭ୍ରମଣର ମୁଖ୍ୟ ଆକର୍ଷଣ ଥିଲା ନରେଶ ବଣ୍ଟିଷ ସେଣ୍ଟର ଫର ଡିଜିଟିଂ ଆଣ୍ଡ ନୋଭେସନ୍ (ଏନଭିସିଡିଆଇ) ପରିଦର୍ଶନ। ଏହା ଏକ ଅତ୍ୟାଧୁନିକ ନବସୃଜନ କେନ୍ଦ୍ର, ଯେଉଁଠାରେ ଯୁବ ପିଢ଼ିଙ୍କ ମଧ୍ୟରେ ସୃଜନଶୀଳତା, ପ୍ରଯୁକ୍ତିଗତ ଦକ୍ଷତା ଏବଂ ଉଦ୍ୟୋଗୀ ଚିନ୍ତାଧାରାକୁ ବିକଶିତ କରାଯାଏ। କେନ୍ଦ୍ରର ବିଶେଷଜ୍ଞମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରତ୍ୟେକ ବିଭାଗ ବୁଲାଇ ଦେଖାଇବା ସହ ସେଥିରେ ହେଉଥିବା କାମ ବିଷୟରେ ସରଳ ଭାଷାରେ ବୁଝାଇଥିଲେ ।ଛାତ୍ରଛାତ୍ରୀମାନେ ପ୍ରଥମେ ମେକାନିକାଲ ଏବଂ ରାପିଡ୍ ପ୍ରୋଟୋଟାଇପିଂ ୟୁନିଟ୍ ଦେଖିଥିଲେ। ଏଠାରେ ଥ୍ରି-ଡି ପ୍ରିଣ୍ଟିଂ ଏବଂ ସିଏନସି ମେସିନ୍ ସାହାଯ୍ୟରେ କିପରି ଏକ ଧାରଣାକୁ ବାସ୍ତବ ମଡେଲରେ ପରିଣତ କରାଯାଏ, ତାହା ସେମାନେ ଜାଣିବାକୁ ପାଇଥିଲେ। ଏହା ପରେ ଇଲେକ୍ଟ୍ରୋନିକ୍ସ ଏବଂ ଇଂମ୍ବେଡେଡ୍ ଅଫ୍ ଥିଙ୍ଗସ୍ (ଆଇଓଟି) ୟୁନିଟ୍‌ରେ ସେନ୍ସର ଆଧାରିତ ବ୍ୟବସ୍ଥା, ସର୍କିଟ୍ ଡିଜାଇନ୍ ଏବଂ ଅଟୋମେସନ୍ ବିଷୟରେ ଅନୁଭୂତି ନେଇଥିଲେ। ପରେ ଲାଇଟ୍, ପଙ୍ଖା ଠାରୁ ଆରମ୍ଭ କରି ସ୍ମାର୍ଟ ସିଟି ପର୍ଯ୍ୟନ୍ତ ସବୁଥିରେ ଆଇଓଟିର ବ୍ୟବହାର ବିଷୟରେ ଜାଣି ସେମାନେ ବହୁତ ଉତ୍ସାହିତ ହୋଇଥିଲେ। ଆନିମେସନ୍ ଏବଂ ଗେମ୍ ଡିଜାଇନ୍ ୟୁନିଟ୍ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବେ ଆକର୍ଷିତ କରିଥିଲା। ଡିଜିଟାଲ୍ ଡିଜାଇନ୍, ଗେମିଂ ଏବଂ ଇମର୍ସିଭ୍ ଟେକ୍ନୋଲୋଜି କିପରି କାମ କରେ, ତାହା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହା ସହ ପାଉଡ଼ ବ୍ୟାଟେରୀ ସେଲ୍ ଫାବ୍ରିକେସନ୍ ୟୁନିଟ୍‌ରେ ବ୍ୟାଟେରୀ ତିଆରି, ଇଲେକ୍ଟ୍ରିକ୍ ଗାଡ଼ି ଏବଂ ନବୀକରଣଯୋଗ୍ୟ ଶକ୍ତି ବିଷୟରେ ଜାଣିବାକୁ ପାଇଥିଲେ। ଉଦ୍ଯୋଗରେ ପେଟ୍ରୋଲ୍-ଡିଜେଲ୍ ବଦଳରେ ବ୍ୟାଟେରୀ ଚାଳିତ ଯାନ ଜାହିଁକି ଜରୁରୀ, ତାହା ସେମାନେ ବୁଝିପାରିଥିଲେ। ଏନଭିସିଡିଆର ବ୍ୟବଂତ ଛାତ୍ରଛାତ୍ରୀମାନେ ଲଙ୍ଗ୍ ଖ୍ୱାଲ୍ ମାଇନିଂ ବିଭାଗ, ଇନଜ୍ୟୁରେସନ୍ ସେଂଟର, ଟେକ୍ନୋମିନ୍-ଆବାନା, ଥ୍ରି-ଏସ୍ ମାଇନିଂ ଏକ୍ସଲେନ୍ସ ସେଂଟର, ଭର୍ଟିଆଲ୍ ଲାବୋରେଟୋରୀ, ଜଳା ଓ ହସ୍ତଶିଳ୍ପ ବିଭାଗ, ବୋର୍ଡ ଆଣ୍ଡ ପିଆର ଟେନିଂ ସ୍ୟାଲେରୀ, ମାଇନିଂ ଇଞ୍ଜିନିୟରିଂ ବିଭାଗ, ଲାଇବ୍ରେରୀ ଏବଂ ମ୍ୟୁଜିୟମ୍ ମଧ୍ୟ ପରିଦର୍ଶନ କରିଥିଲେ। ଖଣି ଭିତରେ କିପରି କାମ ହୁଏ, ସୁରକ୍ଷା ପାଇଁ କେଉଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଏ, ତାହା ଦେଖି ସେମାନେ ବହୁତ କିଛି ଶିଖିଥିଲେ। ଭର୍ଚୁଆଲ୍ ଲାବୋରେଟୋରୀରେ କମ୍ପ୍ୟୁଟର ମାଧ୍ୟମରେ ପରୀକ୍ଷଣ କରିବାର ଅନୁଭୂତି ସେମାନଙ୍କୁ ନୂଆ ଲାଗିଥିଲା। ଅଧ୍ୟାପକ ଏବଂ ବୈଷୟିକ ବିଶେଷଜ୍ଞ ମାନଙ୍କ ସହ ଆଲୋଚନା ଏହି ଭ୍ରମଣକୁ ଆହୁରି ଅର୍ଥପୂର୍ଣ୍ଣ କରିଥିଲା। ଛାତ୍ରଛାତ୍ରୀମାନେ ନିଜର ମନରେ ଥିବା ପ୍ରଶ୍ନ ପଚାରିଥିଲେ ଏବଂ ବିଶେଷଜ୍ଞ ମାନେ ଧୈର୍ଯ୍ୟର ସହ ଉତ୍ତର ଦେଇଥିଲେ। ଆଇଆଇଟିରେ ପଢ଼ିବାକୁ ହେଲେ କେଉଁ ପ୍ରସ୍ତୁତି ଦରକାର, କେଉଁ ବିଷୟରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ, ସେ ବିଷୟରେ ମଧ୍ୟ ସେମାନେ ମାର୍ଗଦର୍ଶନ ପାଇଥିଲେ। ଏହି ଅନୁଭୂତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସୃଜନଶୀଳତା, ସମସ୍ୟା ସମାଧାନ କ୍ଷମତା ଏବଂ ଆତ୍ମବିଶ୍ୱାସ ବଢ଼ାଇବାରେ ସହାୟକ ହୋଇଛି।

ରାଉରକେଲା ପୋଲିସ ପକ୍ଷରୁ ମୋଟର ସାଇକେଲ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ: ନାବାଳକ ସମେତ ୩ ଗିରଫ୍ ଏବଂ ୮ଟି ଚୋରି ବାଇକ ଉଦ୍ଧାର



ରାଉରକେଲା,୭/୧୧(ନି/ପୁ): ସଂଗଠିତ ଯାନବାହାନ ଚୋରି ବିରୁଦ୍ଧରେ ଏକ ବଡ଼ ସଫଳତା ହାସଲ କରି, ରାଉରକେଲା ପୋଲିସ ପକ୍ଷରୁ ଏକ ଆନ୍ତଃ-ଷଡ଼ାଧିକାର ମୋଟରସାଇକେଲ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରାଯାଇଛି। ଘଟଣାରେ ଜଣେ ନାବାଳକ ସମେତ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନ ସମୟରେ ପ୍ରାୟ ୮ଟି ଚୋରି ମୋଟରସାଇକେଲ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତମାନେ ସୁନ୍ଦରଗଡ଼ ଜିଲ୍ଲାର ରାଇବୋଗା ଥାନା ଅନ୍ତର୍ଗତ ବାଙ୍କି ବାହାଲର ବାସିନ୍ଦା ଆଲବର୍ଟ ବିରୱା (୨୨), ସଞ୍ଜୟ ଏକ୍କା (୨୨) ଏବଂ ସୁନ୍ଦରଗଡ଼ ଜିଲ୍ଲାର ଜୁଆଁନମୁଣ୍ଡା ଚାଉକି ପୁରାକିନ୍ ଅହମଦ (୨୮) ଭାରତେ ଚିହ୍ନଟ କରାଯାଇଛି। ଏଥିସହିତ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ମଧ୍ୟ ଗିରଫ କରାଯାଇଛି। ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଖୁଣ୍ଟିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ର, ପାନପୋଷ ଏସଡିପିଓ ସୁଶ୍ରୀତ ଦାସଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ପୋଲିସର ସୂଚନା ଅନୁଯାୟୀ, ଏହି ଗ୍ୟାଙ୍ଗ୍ ଗତୁନାଥପାଲି, ଘୁଣ୍ଟିଘାଟ, ବୀରମିତ୍ରପୁର, ଉଦିତନଗର ଏବଂ ସେକ୍ଟର-୩୩ ଅଂଚଳ ସମେତ ବିଭିନ୍ନ ଥାନା ଅଂଚଳରେ ରିପୋର୍ଟ ହୋଇଥିବା ବହୁ ମୋଟରସାଇକେଲ୍ ଚୋରି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ମୋଟରସାଇକେଲ୍ ଚୋରି ଘଟଣାର ବାରମ୍ବାର ଅଭିଯୋଗ ପରେ, ରାଉରକେଲା ପୋଲିସ ଅପରାଧୀମାନଙ୍କୁ ଚିହ୍ନଟ କରିବା, ସେମାନଙ୍କର ଜିଲ୍ଲା ସ୍ତରୀୟ ନେଟୱର୍କ ଏବଂ ଚୋରି ଯାନଗୁଡ଼ିକୁ ଠାବ କରିବା ପାଇଁ ଏକ ସ୍ପେଶ୍ଚିଲ ଟିମ୍ ଗଠନ କରିଥିଲା। ତଦନ୍ତ ଶେଷରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ ଏବଂ ଗିରଫ କରିବା ଏବଂ ଆଠଟି ଚୋରି ମୋଟରସାଇକେଲ୍ ଉଦ୍ଧାର କରିବାରେ ପୋଲିସ୍ ସଫଳତା ହାସଲ କରିଥିଲା। ପୋଲିସ ବର୍ତ୍ତମାନ ଘଟଣାରେ ସମ୍ପୃକ୍ତ ଅନ୍ୟ ସବଫାଙ୍କ ସମ୍ପର୍କୀୟ ସମ୍ପୃକ୍ତ ତଦନ୍ତ କରୁଛି ଏବଂ ଚୋରି ମୋଟରସାଇକେଲ୍ ପାଇଥିବା କିମ୍ବା କ୍ରୟ କରିଥିବା ଲୋକଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି। ଡିସପ୍ଲାସେସନ୍‌ମେଣ୍ଟ୍‌ଜୁଡ଼ିସ୍‌ରବିବା ଏବଂ ଫ୍ୟାଜ୍ ସହିତ ଜଡିତ ଅତିରିକ୍ତ ଚୋରିମାମଲା ଚିହ୍ନଟ କରିବା ପାଇଁ ପ୍ରୟାସ ଚାଲିଛି। ଅପରାଧ ପ୍ରତି ଶୂନ୍ୟ-ସହିଷ୍ଣୁତା ନୀତିକୁ ବୋହରାଇ, ରାଉରକେଲା ପୋଲିସ କହିଛି ଯେ, ସମ୍ପତ୍ତି ସମ୍ବନ୍ଧୀୟ ଅପରାଧରେ ଜଡିତ ସଂଗଠିତ ଅପରାଧୀ ନେଟୱର୍କ ଏବଂ ଅଭ୍ୟାସଗତ ଅପରାଧୀମାନଙ୍କୁ ସ୍ଥାୟୀ ଏବଂ ସୁସ୍ତରର ଆଧାରିତ ପୋଲିସିଂ ମାଧ୍ୟମରେ ବୃଦ୍ଧି କାର୍ଯ୍ୟାନୁଷ୍ଠାନ ନିଆଯିବ।

ସହିଦ୍‌ଙ୍କ ଉଦ୍ଦେଶ୍ୟରେ ଦୀପଟିଏ କାର୍ଯ୍ୟକ୍ରମ



ରାଉରକେଲା,୭/୧୧(ନି/ପୁ): ସାମାଜିକ ଅନୁଷ୍ଠାନ ହାପି ମୋନେଂସ ଇଣ୍ଡିଆ ତରଫରୁ ସହିଦ୍ ଉଦ୍ଦେଶ୍ୟରେ ଦୀପଟିଏ (୧୨ ତମ ଦୀପାବଳୀ ଜା ଏକ ବିରା ସହିଦୋ ବି ନାମ୍) କାର୍ଯ୍ୟକ୍ରମ ସେକ୍ଟର ୧୬ ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ତଥା ସଂଯୋଜନା ସ୍କୁଲ ର ଅଧକ୍ଷ ରାଜେଶ କୁମାର ବାଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ, ପ୍ରଫେସର ଗୋଲକ ବିହାରୀ ଦଳବେହେରା, ସମାଜସେବୀ କମଳ ଅଗ୍ରୱାଲ,ଜର୍ଣ୍ଣାଲିଷ୍ଟସ ଆସୋସିଏସନ ର ସଭାପତି ବିରଚି ନାରାୟଣ ପଟ୍ଟନାୟକ, ଉପସଭାପତି ତଥା ଉପବେଷ୍ଟା କୁଞ୍ଜବିହାରୀ ରାଉତ, ରାଉରକେଲା ସିଟି ରାଇଣ୍ଡ ଟେବୁଲ୍ ୩୦୭୭ ର ଅଧକ୍ଷ ସିଦ୍ ଆନନ୍ଦ, ଇନର ହୁଇଲ କ୍ଲବ୍ ର ସଭାପତି ଶିକ୍ଷାବିତ ଅଞ୍ଜଳି ହୋତା, ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ସୁନିତା ପ୍ରଧାନ ପ୍ରମୁଖ ଯୋଗଦେଇ ଦେଶପାଇଁ ପ୍ରାଣବଳି ଦେଇଥିବା ସହିଦ୍‌ଙ୍କ ସର୍ବୋଚ୍ଚ ମୟ ଜୀବନ,ଦେଶ ମାତୃକା ପାଇଁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସହିଦ୍‌ଙ୍କ ଉଦ୍ଦେଶ୍ୟରେ ଅତିଥି ଓ ଛାତ୍ରଛାତ୍ରୀମାନେ ଦୀପ ପ୍ରଜ୍ୱଳନ ସହ ସମସ୍ତଙ୍କ ମଧ୍ୟରେ ଏକତା ଭାଇଚାରା ବଜାୟ ରଖିବା ପାଇଁ ଶପଥ ପାଠ କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଜରାଯାଇ ପଠିକ ଉଜର ଦେଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଅନ୍ୟତମ ବରିଷ୍ଠ ଶିକ୍ଷୟିତ୍ରୀ ସରୋଜା ଇନୁମତୀ ବାରା ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ତରଫରୁ କାର୍ଯ୍ୟକ୍ରମରେ ସମସ୍ତ ଅତିଥିଙ୍କୁ ଉତ୍ତରୀୟ, ମେମୋମେଣ୍ଟୋ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ଶାନ୍ତି ପାଠ ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

ଜିରିଣା ସ୍କୁଲରେ ଶିକ୍ଷକଦ୍ୱୟଙ୍କୁ ଦିଆଗଲା ଅବସର ସମ୍ବର୍ଦ୍ଧନା

ବଣ୍ଡୁକ,୭/୧୧(ନି/ପୁ): ବଣ୍ଡ ବ୍ଲକ ଜିରିଣା ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ ଚନ୍ଦ୍ର ସାହୁ ଏବଂ ଶ୍ୟାମ ସୁନ୍ଦର ସେଠୀଙ୍କୁ ଆଜି ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାୟାବର ଦାସ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ତିଡରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।

'ସଂକଳ୍ପ' ଆୟୋଜିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଚତୁର୍ଥ ସଂଧ୍ୟାରେ ନାଟକ 'ଅନୁପମା' ମଂଚସ୍ଥ



ରାଉରକେଲା,୭/୧୧(ନି/ପୁ): ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡିଶା ସରକାର ଏବଂ ରାଉରକେଲା ଉତ୍ସାଚ ଚାରଖାନା ଆନୁକୂଲ୍ୟରେ ସାଂସ୍କୃତିକ କଳା ପରିଷଦ 'ସଂକଳ୍ପ' ରାଉରକେଲା ଦ୍ୱାରା ଆୟୋଜିତ ୧୮ତମ ରାଜ୍ୟସ୍ତରୀୟ ଓଡିଆ ନାଟକ ମହୋତ୍ସବ ଆଜି ଚତୁର୍ଥ ସଂଧ୍ୟାରେ ସ୍ଥାନୀୟ ସିଭିକ୍ ସେଂଟରଠାରେ ପ୍ରଫାବେତାର ଗୋଲ୍ ?ତେନ ମିମ୍ବଳା ପରିଷଦ ପକ୍ଷରୁ ନାଟକ 'ଅନୁପମା' ମଂଚସ୍ଥ ହୋଇଯାଇଛି। ନାଟକଟିକୁ ପ୍ରଭାକର ପାତ୍ର ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେବାଥିଲେ ସମୀର ମହାପାତ୍ର। ଫ୍ଲାଗଡରେ ଜ୍ୟୋତିଙ୍ଗଳନ ଜେନା, ଆଲୋକ ରେ ସାଗର ସ୍ୱରୂପ ସ୍ୱାଇଁ, ମଂଚଶିଳ୍ପୀ ଅମୂଲ୍ୟ ବିଶୋୟ, ରୂପସଜ୍ଜା ହରିହର ବଳ, ମଂଚ ପରିଚାଳନା ମାନସ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଭୂମିକାରେ ରଜତ ଜଂଜନ ଦାସ, ଅଂଜନ ମହାପାତ୍ର, ଜୁମାରୀ ମମତା ରାଣୀ ମଲ୍ଲିକ, ଡି. କ୍ରିଷ୍ଣା, ଡି. ରାଜେଶ୍ୱରୀ, ଅମରେନ୍ଦ୍ର ହୋତା, ଉମେଶ ଗୌଡ ଅଂଶଗ୍ରହଣ କରିଥିଲେ। ଅନୁପମା ନାଟକ ଏମିତି ଜଣେ ସାଧାରଣ ମଣିଷର କାହାଣୀ, ଯେ ନିଜର ଦୁଃଖକୁ ହସ ଆଡରେ ଲୁଚାଇ ଅନ୍ୟମାନଙ୍କ ଜୀବନରେ ଆଶା, ସାହସ ଓ ଖୁସିର ଦୀପ ଜଳାଇ ଥାଏ। ହସ, ବ୍ୟଙ୍ଗ, ପ୍ରେମ, ମାନବିକତା ଓ ଜୀବନର ପ୍ରକୃତ ଅର୍ଥକୁ ଖୋଜିବାର ଏକ ଅନୁଭବ। ଏହିଭଳି ବିଷୟବସ୍ତୁକୁ ନେଇ ନାଟକଟିଗତିଶୀଳ ହୋଇଛି । ଆଜିର ନାଟକ ମଂଚସ୍ଥ ପୂର୍ବରୁ ଆୟୋଜିତ ସଭାରେ ରାଉରକେଲା ଉତ୍ସାଚ ଚାରଖାନାର ମହାପ୍ରବନ୍ଧକ ତଥା ସଂଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଚିକିତ୍ସକ, ଖ୍ୟାତନାମା କବି ଓ ନାଟ୍ୟକାର ଡାକ୍ତର କୃପାସିନ୍ଧୁ ନାୟକ ଓ ବିଶିଷ୍ଟ ଶିକ୍ଷବିତି, ସମାଜସେବୀ ତଥା ଅଞ୍ଚଳ ଭାରତ ବ୍ୟବସାୟୀ ବାଣ୍ଡ ଅକ୍ଷୟତା ଜରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂକଳ୍ପର କାର୍ଯ୍ୟନିର୍ବାହୀ ସଭ୍ୟ ଦୀପକ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଉପଦେଷ୍ଟା ତଥା ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ପ୍ରଶନ୍ନ କୁମାର ବାଣ ମଂଚାସୀନ ଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ କାର୍ଯ୍ୟନିର୍ବାହୀ ସଭ୍ୟ ପ୍ରବୀର କୁମାର ଜେନା ସଂଯୋଜନା କରିଥିଲେ। ନାଟକର ନିର୍ଦ୍ଦେଶକଙ୍କୁ 'ସଂକଳ୍ପ'ସମ୍ମାନରେ ଓ ନାଟ୍ୟକାର ପ୍ରଭାକର ପାତ୍ରଙ୍କୁ ଚିର ଋଣୀ ସ୍ମୃତି ସମ୍ମାନରେ ଏଦ୍ଧର୍ଦ୍ଧତ କରାଯାଇଥିଲା। ସମସ୍ତ ଅଭିନେତା ଅଭିନେତ୍ରୀ ଓ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନ ପକ୍ଷରୁ ଗଣପତି ଋଣା, ପ୍ରିୟଦର୍ଶନ ରାଉତ, ଅକ୍ଷୟ ଧଳ, ବିପ୍ତି ଜଂଜନ ବାରିକ, ବସନ୍ତ କୁମାର ଦାସ, ଋଣୀ ରେଖା ଦାସ, ରାଜୁ ମହାପାତ୍ର, ପ୍ରବିର ମିଶ୍ର, ହେମନ୍ତ ବେହେରା, ରମେଶ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ବାଣ, ବଟକୃଷ୍ଣ ଶତପଥୀ, ସଂଜୟ ମହାନ୍ତି, କୁଞ୍ଜନାଲ ଖୋଷ ଓ ପ୍ରକାଶ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସଂକଳ୍ପର ପ୍ରତିଷ୍ଠା, ପରିଚାଳନା ଓ ପ୍ରଗତିରେ ବିଶେଷ ସହାୟକ ହୋଇ ରହିଥିବା ଜଣେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅସ୍ଥାନ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

୫ତମ ଜାତୀୟ କନିଷ୍ଠ ଉଷୁ ଚାମ୍ପିୟନସିପ୍ ଉଦ୍‌ଯାପିତ

ଓଡ଼ିଶା ପାଇଁ ଗୌରବ ଆଣିଲେ ରାଉରକେଲାର ୩ ଉଷୁ ଖେଳାଳି



ରାଉରକେଲା,୭/୧୧(ନି/ପୁ): ଚେନ୍ନାଇ ସ୍ଥିତ ଜିପିଆର୍ ବିଶ୍ୱବିଦ୍ୟାଳୟଠାରେ ଅକ୍ଟୋବର ୨୮ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିଥିବା ୨୫ତମ ଜାତୀୟ କନିଷ୍ଠ ଉଶୁ ଚାମ୍ପିୟନସିପ୍ ସଫଳତାର ସହ ଉଦ୍‌ଯାପିତ ହୋଇଛି । ଏହି ଜାତୀୟ ପ୍ରତିଯୋଗିତାରେ ୩୪ ଜଣିଆ ଓଡ଼ିଶା ଉଶୁ ଦଳ ଅଂଶଗ୍ରହଣ କରି ଉଚ୍ଚଶ୍ରେଣୀର ପ୍ରଦର୍ଶନ କରି ମୋଟ ୯ଟିପଦକ ହାସଲ କରିରାଜ୍ୟ ପାଇଁ ଗୌରବ ଆଣିଛି। ଓଡ଼ିଶା ଦଳ ୨ଟି ଗୋପ୍ଦ ଓ ୭ଟି କାଂସ୍ୟ ପଦକ ଜିତି ନିଜର କ୍ରୀଡ଼ା ପ୍ରତିଭାର ପରିଚୟ ଦେଇଛି। ଏହି ସଫଳତାରେ ସୁନ୍ଦରଗଡ଼ ଜିଲ୍ଲାର ସ୍ପୋର୍ଟ୍ସ ଉଶୁ ଆସୋସିଏସନ୍ ଅଫ୍ ସୁନ୍ଦରଗଡ଼ (ଝଡଇୟ)ର ୫ ଜଣ ଖେଳାଳି ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିଥିବାବେଳେ ରାଉରକେଲାର ୩ ଜଣ ଖେଳାଳି ୩ଟି କାଂସ୍ୟ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପଦକ ବିଜେତାଙ୍କ ମଧ୍ୟରେ ସାଧନା ମାଝୀ ନାନ୍‌ଗୁନ୍ ଷ୍ଟିକ୍ ଇଭେଣ୍ଟରେ, ଦିବ୍ୟଜ୍ୟୋତି ତାଇଚି ଟୁଆନ୍ ଇଭେଣ୍ଟରେ ଏବଂ ଆବିତ୍ୟ ଙ୍ଗି ଙ୍ଗିଙ୍ଗୁନ୍ ଇଭେଣ୍ଟରେ ତମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ଜିତିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ଏହି ଗୌରବମୟ ସଫଳତା ପାଇଁ ଓଡ଼ିଶା ରାଜ୍ୟ ଉଶୁ ସଂଘର ସଭାପତି ତଥା ପ୍ରତିଷ୍ଠାତା ଇଂ. ସୁଧାଂଶୁ ଶେଖର ହରିଚନ୍ଦନ, ଅନ୍ତର୍ଜାତୀୟ ବିଚାରକ ତଥା ମୁଖ୍ୟ କୌଶଳ ଅଧିକାରୀ ପ୍ରଦ୍ୟୁମ୍ନ ବେହେରା, ସୁନ୍ଦରଗଡ଼ ଜିଲ୍ଲା ଉଶୁ ସଂଘର ସଭାପତି ବିରଚି ନାରାୟଣ ପଟ୍ଟନାୟକ, ଉପସଭାପତି ଟିକା ବାହାଦୁର, ମୁଖ୍ୟ ସମ୍ପାଦକ ଅଜୟ ଲାକ୍ରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ରାଉରକେଲା କ୍ରୀଡ଼ା ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ, ଜିଲ୍ଲା ଆଥଲେଟିକ